ବର୍ଷ-୨୬, ସଂଖ୍ୟା-୧୨୧
ଭୁବନେଶ୍ୱର
୦୫, ମଇ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 121
Bhubaneswar
05 May, , 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦିଦିଙ୍କ ଗଡ଼ରେ ଫୁଟିଲା ପଦ୍ମ

## କେରଳ ଓ ତାମିଲନାଡୁରେ ଭାଙ୍ଗିଲା ସରକାର, ଆସାମରେ ପୁଣି ବିଜେପି



### ପଶ୍ଚିମବଙ୍ଗ (୨୯୩)
ଟିଏମ୍‌ସି - ୮୦
ବିଜେପି-୨୦୭
କଂଗ୍ରେସ ଓ ଅନ୍ୟାନ୍ୟ- ୦୬

### ତାମିଲନାଡୁ (୨୩୪)
ଡିଏମ୍‌କେ-୭୪ ଏଆଇଏଡିଏମ୍‌କେ-୫୩
ଟିଭିକେ-୧୦୭ ଅନ୍ୟାନ୍ୟ-୦୦

### ଆସାମ- ୧୨୬
ବିଜେପି+ - ୧୦୨ କଂଗ୍ରେସ-୨୧
ଅନ୍ୟାନ୍ୟ-୩

### କେରଳମ- ୧୪୦
ଏଲଡିଏଫ-୩୫ ୟୁଡିଏଫ୍-୯୯
ବିଜେପି+-୩ ଅନ୍ୟାନ୍ୟ-୩

### ପୁଡୁଚେରୀ
ବିଜେପି+-୧୮ କଂଗ୍ରେସ+ - ୦୬
ଅନ୍ୟାନ୍ୟ -୦୬

## ଅଭିନେତା ବିଜୟଙ୍କ ଟିଭିକେ ବଡ଼ ଦଳ, କେରଳରେ ୟୁଡିଏଫ୍‌ର କ୍ଲିନସୁଇପ୍, ପୁଡୁଚେରୀରେ ବିଜେପି ମେଣ୍ଟ

ନୂଆଦିଲ୍ଲୀ,୪।୫(ମହାଭାରତ): ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ଓ କେନ୍ଦ୍ର ଶାସିତ ରାଜ୍ୟ ପୁଡୁଚେରୀରେ ଆଜି ନିର୍ବାଚନ ଫଳାଫଳ ସାମନାକୁ ଆସିଛି। ଏକଜିଟ୍ ପୋଲ ଅନୁଯାୟୀ ଫଳାଫଳ ସତ୍ ହୋଇଛି। କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ପିନାଜୟ ବିଜୟନଙ୍କ ସିପିଆଇ (ଏମ)କୁ ଗାଦିଚ୍ୟୁତ କରିଛି। ସେହିପରି କେରଳରେ ଡିଏମ୍‌କେକୁ ହରାଇ ଅଭିନେତା ବିଜୟଙ୍କ ଟିଭିକେ ସର୍ବବୃହତ୍ ଦଳ ଭାବେ ବିବେଚିତ ହୋଇଛି। ପୂର୍ଣ୍ଣ ସଂଖ୍ୟା ଗରିଷ୍ଠକୁ ଆଉ ମାତ୍ର ୧୦/୧୧ଟି ସିଟ୍ କମ୍ ରହୁଥିବା ବିକଳ୍ପ ଦଳକୁ ନେଇ ସରକାର ଗଢ଼ିବେ ବିଜୟ। ସେହିପରି ଆସାମରେ ହିମନ୍ତ ବିଶ୍ୱଶର୍ମା ନେତୃତ୍ୱରେ ବିଜେପି କ୍ରମାଗତ ତୃତୀୟ ଶାସନ କ୍ଷମତା ହାସଲ କରିଥିବାବେଳେ ପୁଡୁଚେରୀରେ ବିଜେପି ମେଣ୍ଟ ସରକାର ଗଠନ କରିବ। ତେବେ ସବୁଠୁ ରୋଚକ କଥା ଯେ, ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ବିଜେପି ଶାସନ କରିବ। କାରଣ ବିଜେପି ସମସ୍ତ କଳ ବଳ କୌଶଳ ପଶ୍ଚିମବଙ୍ଗରେ ହିଁ ଲଗାଇ ଦେଇଥିଲା ଓ ଶେଷରେ ମିଶନ ସଫଳ ହୋଇଛି। ବିଜେପି ୨୦୦ରୁ ଅଧିକ ସିଟ୍ ଜିଣି ମ୍ୟାଜିକ କରିଛି। ଅନ୍ୟପକ୍ଷରେ ମମତା ବାନାର୍ଜୀଙ୍କୁ ଶକ୍ତ ଝଟ୍‌କା ଲାଗିଛି।

୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଦେଶର ରାଜନୈତିକ ମାନଚିତ୍ରରେ ଅନେକ ପରିବର୍ତ୍ତନ ଆଣିଛି। ଗୋଟିଏ ପଟେ ନୂଆ ରେକର୍ଡ ସୃଷ୍ଟି ହୋଇଥିବା ବେଳେ ଅନ୍ୟପଟେ ସମ୍ପୂର୍ଣ୍ଣ ଚିତ୍ର ବଦଳି ଯାଇଛି। ଏହାର ପ୍ରଭାବ ଆଗାମୀ ଦିନରେ ରାଜ୍ୟସଭାରେ ଦେଖିବାକୁ ମିଳିବ। ରାଜ୍ୟ ଶାସନରେ ମଧ୍ୟ ଗେରୁଆ ଦଳର ପ୍ରତିନିଧିତ୍ୱ ବଢ଼ିବାରେ ଲାଗିଛି। ଏହି ନିର୍ବାଚନରେ କେରଳ, ବଙ୍ଗଳା, ତାମିଲନାଡୁ ଏବଂ ଆସାମରେ ରେକର୍ଡ ବର୍ଷା ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ବିଜେପି ପ୍ରଥମ ଥର ପାଇଁ ବଙ୍ଗଳାରେ ସରକାର ଗଠନ କରିବାକୁ ଯାଉଛି, ଯାହା ଦଳ ପାଇଁ ଏକ ସ୍ୱପ୍ନ ସାକାର ହେବା ସଦୃଶ। ବଙ୍ଗଳା ହେଉଛି ଜନସଂଘ ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମସ୍ଥାନ। କେବଳ ସେତିକି ନୁହେଁ, ଆରଏସଏସ୍ ବିଚାରଧାରାର ପ୍ରମୁଖ ସ୍ଥାନ ସ୍ୱାମୀ ବିବେକାନନ୍ଦ ମଧ୍ୟ ଏହି ମାଟିର। ତେଣୁ ଏଠାରେ ବିଜେପିର ବିଜୟ ଖୁବ୍ ଗୁରୁତ୍ୱ ରଖୁଛି।ଗତବର୍ଷ ନଭେମ୍ବରରେ ଏନ୍‌ଡିଏର ବିହାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ଗଙ୍ଗା ନଦୀ ବିହାର ଦେଇ ବଙ୍ଗଳାକୁ ପ୍ରବାହିତ ହେଉଛି। ଏହା ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ କରି କୁହାଯାଇଥିଲା, ଯାହା ମମତା ବାନାର୍ଜୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା। ପାଞ୍ଚ ମାସ ପରେ ବିଜେପି ଦୀର୍ଘଦିନ ଧରି ଟାର୍ଗେଟ୍ କରି ଆସୁଥିବା ପୂର୍ବ ରାଜ୍ୟକୁ ଦଖଲ କରିଥିଲା। ଦଳ ୨୦୬ ଆସନ ପାଖାପାଖି ଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ଦୁଇ ଅଙ୍କରେ ୮୧ରେ ସୀମିତ ରହିଛି। ଏହି ଫଳାଫଳ ବିଜେପି ପାଇଁ ଏକ ଐତିହାସିକ ବିଜୟ ଏବଂ ଟିଏମ୍‌ସିର ୧୫ ବର୍ଷ ଶାସନର ଅନ୍ତ ଘଟାଇଛି। ଖୋଦ୍ ମମତା ବାନାର୍ଜୀ ପରାସ୍ତ ହୋଇଛନ୍ତି।



ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍‌ରେ ଯାହା କୁହାଯାଇଥିଲା, କେରଳମରେ ତାହା ହୋଇଛି। ବାମ ମେଣ୍ଟ ପରାସ୍ତ ହୋଇଛି ଓ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ 'ୟୁଡିଏଫ୍'ର ବିଜୟ ହୋଇଛି। ଗଣତି ଜାରି ରହିଥିବା ବେଳେ ଏଠାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ଅତିକ୍ରମ କରିଛି 'ୟୁଡିଏଫ୍'। ୧୪୦ ଆସନ ବିଶିଷ୍ଟ କେରଳମ ବିଧାନସଭାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୭୧। ବର୍ତ୍ତମାନ ସୁଦ୍ଧା ୟୁଡିଏଫ ୯୯ଟି ଆସନ ଜିତି ସାରିଥିବା ବେଳେ ତା' ମଧ୍ୟରେ କଂଗ୍ରେସର ୬୫ଟି ଆସନ ଥିବା ବେଳେ ଆଇୟୁଏମ୍‌ଏଲର ୧୦, କେସିର ୬, ଆରଏସ୍‌ପିର ୩, କେସି (ଜେ)ର ଗୋଟିଏ, ଆଇଏନ୍‌ଡିର ଗୋଟିଏ ଓ ଆରଏମ୍‌ପିଓଆଇର ଗୋଟିଏ ଆସନ ରହିଛି। ଅନ୍ୟପକ୍ଷରେ ୟୁଡିଏଫ ୨୪ଟି ଆସନରେ ଆଗରେ ରହିଛି।

ଆସାମରେ ହ୍ୟାଟ୍ରିକ ବିଜୟ ହାସଲ କରିଛି ବିଜେପି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପରେ ପୁଣି ଆସ୍ଥା ଦେଖାଇଛନ୍ତି ଆସାମବାସୀ। ବିଜେପି ନେତୃତ୍ୱାଧୀନ ଏନଡିଏ କେବଳ ଏଠାରେ ବିଜୟ ହୋଇନାହିଁ, ବରଂ ନିଜର ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛି। ଆସାମର ୧୨୬ ବିଧାନସଭା ଆସନରୁ ବିଜେପି ନେତୃତ୍ୱାଧୀନ ଏନଡି ୧୦୨ଟି ଆସନ ଜିତିବାକୁ ଯାଉଛି। ଏଠାରେ ସରକାର ଗଠନ କରିବା ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୬୪। ଏହାକୁ ବିଜେପି ବେଶ ସହଜରେ ହାସଲ କରିନେଇଛି। ୨୦୨୧ ଆସାମ ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ୮୦ଟି ଆସନ ଜିତିଥିଲା। ସେହିପରି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ୨୩ଟି ଓ ଅଣ କଂଗ୍ରେସ ଏବଂ ଅଣ ବିଜେପି ମେଣ୍ଟ ବାକି ୨୩ଟି ଆସନ ଦଖଲ କରିଥିଲେ। ୨୦୨୬ରେ କଂଗ୍ରେସ ୨୧କୁ ଖସି ଯାଇଛି। ଅନ୍ୟାନ୍ୟ ଦଳ ୪ଟି ଆସନ ପାଇଛନ୍ତି। ବିଜେପି ଏକାକୀ ୮୨ଟି ଆସନ ଜିତିବାକୁ ଯାଉଥିବା ବେଳେ ସହଯୋଗୀ ବିପିଏଫ ୧୦ଟି ଓ ଏଜିପି ୯ଟି ଆସନ ଜିତିବାକୁ ଯାଉଛି। ବିଜେପି ୯୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଦଳର ୮୨ ଜଣ ଜିତିବା ମଧ୍ୟ ଗୋଟିଏ ରେକର୍ଡ।ସେହିପରି ପୁଡୁଚେରୀ ବିଜେପି ନେତୃତ୍ୱ ମେଣ୍ଟ ୧୭ଟି ଜିଣିଥିବାରୁ ସେଠାରେ ଦଳ ପୁଣି ଥରେ ସରକାର ଗଠନ କରିପାରିବେ।

## ଗଙ୍ଗୋତ୍ରୀରୁ ଗଙ୍ଗାସାଗର ସବୁଠି ପଦ୍ମ : ମୋଦୀ

ନୂଆଦିଲ୍ଲୀ,୪।୫(ମହାଭାରତ): ବେଙ୍ଗଲରେ ବିଜେପିର ଐତିହାସିକ ବିଜୟ ପରେ ବଡ କଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବେଙ୍ଗଲରେ ଭୋଟିଂ ହୋଇଥିବା ୨୯୩ ବିଧାନସଭା ଆସନରୁ ବିଜେପି ୨୦୫ ଆସନରେ ବିଜୟ ହେବାକୁ ଯାଉଛି। ଏଠାରେ ବିଜେପି ପ୍ରଥମଥର ପାଇଁ ସରକାର ଗଠନ କରିବାକୁ ଯାଉଥିବାରୁ ଦଳୀୟ ମୁଖ୍ୟାଳୟରେ କର୍ମୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି।



ପାରମ୍ପରିକ ବେଙ୍ଗଲ ପୋଷାକ ପରିଧାନ କରି ମୁଖ୍ୟାଳୟକୁ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି, "ଜନ ସଂଘର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆତ୍ମାକୁ ଆଜି ଶାନ୍ତି ମିଳିଛି। ଦେଶ ପାଇଁ ଜୀଇଁବା ଓ ମରିବାକୁ ସେ ସନ୍ଦେଶ ଦେଇଥିଲେ।

ରାଷ୍ଟ୍ର ସର୍ବପ୍ରଥମ ନାରାକୁ ଶ୍ୟାମା ପ୍ରସାଦ ମୁଖାର୍ଜୀ ପ୍ରାଥମିକତା ଦେଉଥିଲେ। ବେଙ୍ଗଲକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ଦୀର୍ଘ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ବେଙ୍ଗଲରେ ଆଜିଠୁ ନୂଆ ଅଧ୍ୟାୟ ଯୋଡ଼ି ହେଲା। ଆଜିଠୁ ବେଙ୍ଗଲ ଭୟମୁକ୍ତ ଓ ବିକାଶର ଭରସାଯୁକ୍ତରେ ପରିଣତ ହେବ।

ଆଜିର ଦିନ ଐତିହାସିକ। ବର୍ଷ ବର୍ଷର ପରିଶ୍ରମ ସଫଳ ହୋଇଛି। ପ୍ରତିଟି ବିଜେପି କର୍ମୀଙ୍କ ଖୁସିରେ ମୁଁ ସାମିଲ୍। ଆଜିର ଦିନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ଉପରେ ଲୋକଙ୍କ ଭରସା ଦର୍ଶାଉଛି। ଆଜି କେବଳ ଗଣତନ୍ତ୍ରର ବିଜୟ ହୋଇନି, ବରଂ ସମ୍ବିଧାନ ବି ଜିତିଛି। ପଶ୍ଚିମବଙ୍ଗରେ ୯୩ ପ୍ରତିଶତ ମତଦାନ ଐତିହାସିକ। ଏଥିରେ ବି ମହିଳାଙ୍କ ଭାଗିଦାରୀ ଅଧିକ।

ବିହାର ରେଜଲ୍ଟ ବେଳେ କହିଥିଲି ଗଙ୍ଗା ଏବେ ବଙ୍ଗକୁ ପ୍ରବାହିତ ହେବ। ଗଙ୍ଗୋତ୍ରୀରୁ ଗଙ୍ଗାସାଗର ସବୁଠି ପଦ୍ମ ଫୁଟିଲା। ଗଙ୍ଗା ଉପକୂଳରେ ଥିବା ସବୁ ରାଜ୍ୟରେ ପଦ୍ମ ଫୁଟିଲା। ମା' ଗଙ୍ଗାଙ୍କ ଆଶୀର୍ବାଦ ନିଶ୍ଚୟ ଆମ ଉପରେ ରହିଛି। ଗଙ୍ଗା ସହ ବ୍ରହ୍ମପୁତ୍ରଙ୍କ ଆଶୀର୍ବାଦ ବି ମିଳିଛି। ଆସାମରେ ବିଜେପିକୁ ତୃତୀୟ ଥର ସମର୍ଥନ ମିଳିଛି। ବେଙ୍ଗଲରେ ନୂଆ ସୂର୍ଯ୍ୟର ଉଦୟ ହୋଇଛି। ବେଙ୍ଗଲର ବିକାଶ ହେବ।

## ହାରିଗଲେ ଷ୍ଟାଲିନ ଓ ମମତା

ନୂଆଦିଲ୍ଲୀ,୪।୫(ମହାଭାରତ): ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ସମସ୍ତଙ୍କୁ ଚକିତ କରିଛି । ଉଭୟ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଓ ମମତା ବାନାର୍ଜୀ ପରାସ୍ତ ହୋଇଛନ୍ତି।ତାମିଲନାଡୁରେ ଏଠାରେ ନୂଆକରି ଗଠନ ହୋଇଥିବା ଟିଭିକେ ସରକାର ଗଠନ କରିବା ସ୍ଥିତିରେ ରହିଛି । ହେଲେ ସବୁଠାରୁ ବଡ କଥା ଓ ଆଶ୍ଚର୍ଯ୍ୟକର କଥା ହେଉଛି ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ନେତା ଏମ୍ କେ ଷ୍ଟାଲିନ ନିଜେ ପରାଜିତ ହୋଇଛନ୍ତି । ସେ ତାଙ୍କର ପାରମ୍ପରିକ ଆସନ କୋଲାଥୁରରୁ ନିର୍ବାଚନ ଲ?ୁଥିଲେ । ତାଙ୍କୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଟିଭିକେ ପ୍ରାର୍ଥୀ ଭି.ଏସ୍ ବାବୁଙ୍କ ଠାରୁ ପରାଜିତ ହୋଇଛନ୍ତି । ଶେଷ ସୂଚନା ମୁତାବକ ଟିଭିକେ ପ୍ରାର୍ଥୀଙ୍କୁ ୭୬୭୯୬ ଭୋଟ ମିଳିଥିବା ବେଳେ ଷ୍ଟାଲିନଙ୍କୁ ୬୮୫୧୨ ଖଣ୍ଡ ଭୋଟ ମିଳିଛି । ସେହିଭଳି ଏଆଇଏଡିଏମକେ ପ୍ରାର୍ଥୀଙ୍କୁ ମାତ୍ର ୧୭୩୨୫ ଖଣ୍ଡ ଭୋଟ ମିଳିଛି ।



ପଶ୍ଚିମବଙ୍ଗ ନିର୍ବାଚନରେ ଟିଏମସିର ବିପର୍ଯ୍ୟୟ ସହ ନିଜେ ମମତା ବାନାର୍ଜୀ ତାଙ୍କ ପାରମ୍ପାରିକ ଆସନ ଭବାନୀପୁରରୁ ପରାଜିତ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ସେ ୧୫୧୧୩ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି । ଶେଷ ରାଉଣ୍ଡ ଗଣତି ପରେ ମମତା ବାନାର୍ଜୀଙ୍କୁ ୫୮୩୫୦ ଖଣ୍ଡ ଭୋଟ ମିଳିଥିବା ବେଳେ ଶୁଭେନ୍ଦୁ ଅଧିକାରୀଙ୍କୁ ୭୩୪୬୩ ଖଣ୍ଡ ଭୋଟ ମିଳିଛି ।

## ଟିଏମ୍‌ସି ବିନାଶ ପଛରେ ଦିଘା ଧାମ !

କୋଲକାତା,୪।୫(ମହାଭାରତ): ପଶ୍ଚିମବଙ୍ଗ ରାଜନୀତିରେ ଏବେ ଭୂକମ୍ପ ସଦୃଶ ପରିସ୍ଥିତି। ଦୀର୍ଘବର୍ଷ ଧରି ଅଦମ୍ୟ ଥିବା ଦିଦିଙ୍କ ଗାଦି ଭୁଶୁଡିପଡିଛି। ଏହି ପରିସ୍ଥିତିରେ ଦିଘା ଜଗନ୍ନାଥ ଧାମକୁ ନେଇ ହୋଇଥିବା ବିବାଦ ପୁଣିଥରେ ଚର୍ଚ୍ଚା ସାଉଁଟିଛି। ମନ୍ଦିର ପ୍ରତିଷ୍ଠାରୁ ଆରମ୍ଭ କରି ନାମକରଣ ଓ ବିଗ୍ରହ ପ୍ରତିଷ୍ଠା ପର୍ଯ୍ୟନ୍ତ ନେଇ ଯେଉଁ ବିବାଦ ଉଠିଥିଲା, ସେଥିର ପ୍ରଭାବ ଏଥର ଭୋଟରେ ପଡ଼ିଥିବା କୁହାଯାଉଛି। ବିରୋଧୀମାନେ ଏହାକୁ ମୁଦ୍ଦା କରି ଦିଦିଙ୍କୁ ଘେରିଥିଲେ, ଯାହା ଜନମତରେ ପ୍ରଭାବ ପକାଇଛି ବୋଲି ଆଲୋଚନା।ଏପଟେ, ପରିସ୍ଥିତି ଗମ୍ଭୀର ଦେଖି ମମତା ବାନାର୍ଜୀ ସୋଶାଲ ମିଡିଆରେ ଭିଡିଓ ଜାରି କରି ନିଜ କର୍ମୀ ଓ ପ୍ରାର୍ଥୀଙ୍କୁ ଗଣତି କେନ୍ଦ୍ର ଛାଡ଼ିବାକୁ ମନା କରିଛନ୍ତି। ସେ ଗଣତି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କିଛି ସ୍ଥାନରେ ଗଣତି ରାଉଣ୍ଡ ପରେ ବନ୍ଦ ହୋଇଯାଇଛି ଓ ବିଜେପି ନିଜର ଫଳାଫଳ ପ୍ରଥମେ ଦେଖାଇବାକୁ ଚେଷ୍ଟା କରୁଛି। ଏହି ରୋମାଞ୍ଚକର ପରିସ୍ଥିତି ମଧ୍ୟରେ ସମସ୍ତଙ୍କ ନଜର ଏବେ ଅନ୍ତିମ ଫଳାଫଳ ଉପରେ ରହିଛି। ଯଦି ଏହି ଟ୍ରେଣ୍ଡ ଜାରି ରହେ, ତେବେ ପଶ୍ଚିମବଙ୍ଗରେ ଦୀର୍ଘଦିନର ଶାସନର ଅଂଟା ଘଟିବା ସହ ନୂତନ ରାଜନୀତିକ ଅଧ୍ୟାୟ ଆରମ୍ଭ ହେବ ଯେଉଁଠାରେ "ଦିଦି"ର ଯୁଗକୁ ଶେଷ କରି ବିଜେପି ବିଜୟ ବାନା ଉଡ଼ାଇବ।

## 'ସୁଭଦ୍ରା' ହିତାଧିକାରୀଙ୍କ ଖାତାରେ ପହଞ୍ଚିଲା କିସ୍ତି

ଭୁବନେଶ୍ୱର୪।୫(ମହାଭାରତ): ବିଜେପି ସରକାରଙ୍କ ବହୁ ଆକାଂକ୍ଷିତ 'ସୁଭଦ୍ରା' ଯୋଜନାରୁ ବାଦ୍ ପଡିଥିବା ୭୯ ହଜାର ହିତାଧିକାରୀଙ୍କୁ ଆଜି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।



ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି ।

ନିଷ୍କ୍ରିୟ ଏନ୍‌ପିସିଆଇ ଲିଙ୍କଜ୍, ଇ କେୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି ।ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି । ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଞ୍ଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି।

ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ । ବ୍ୟବସ୍ଥିତ ଯାଞ୍ଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି । ସେ ପୁନର୍ବାର କହିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ।

## ହାଇୱାକୁ ପଛରୁ ପିଟିଲା ବୋଲେରୋ, ୫ ମୃତ



### ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ, ସହାୟତା ରାଶି ଘୋଷଣା

ଯାଜପୁର,୪।୫(ମହାଭାରତ): ଯାଜପୁର ଜିଲ୍ଲା ଜେନାପୁରରେ ଏକ ଭୀଷଣ ସଡ଼କ ଦୁର୍ଘଟଣା ହୋଇଛି । ଏକ ହାଇୱାକୁ ବୋଲେରୋ ଗାଡ଼ି ପଛରୁ ଧକ୍କା ଦେବା ଫଳରେ ୫ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି । ଅନ୍ୟ ୮ ଜଣ ଗୁରୁତର ଆହତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ପ୍ରାଥମିକ ସୂଚନା ମୁତାବକ, ଜେନାପୁର ଥାନା ବଡ଼ଚଣା ଅନ୍ତର୍ଗତ ପୁରୁଷୋତ୍ତମପୁରର ସଞ୍ଜୟନଗର, ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମର ଲୋକେ କେନ୍ଦୁଝରକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ । ବିବାହରେ ଯୋଗ ଦେଇ ସକାଳୁ ସକାଳୁ ଏକ ବୋଲେରୋ ଗାଡ଼ିରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ବୋଲେରୋଟି ଜେନାପୁର ଥାନା ବରଡ଼ା ବେହେରା ଟାଙ୍ଗୀ ଛକ ନିକଟରେ ଏକ ହାଇୱାକୁ ପଛରୁ ପିଟିଥିଲା । ଫଳରେ ଡ୍ରାଇଭର ସମେତ ପ୍ରାୟ ୧୩-୧୪ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ୫ ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା, ଜଣେ ଯୁବତୀ ଏବଂ ଜଣେ ପୁରୁଷ ଯାତ୍ରୀ ଅଛନ୍ତି । ମୃତକ ମାନେ ହେଲେ ଜୀବନ ପୂର୍ତ୍ତିଙ୍କ ପୁଅ କାହ୍ନ ପୂର୍ତ୍ତି, ବୋହୂ ଗୀତା ପୂର୍ତ୍ତି, ସର୍ବେଶ୍ୱର ନାୟକଙ୍କ ପତ୍ନୀ ନମିତା ନାୟକ, ରତ୍ନାକର ମୁଣ୍ଡାଙ୍କ ପତ୍ନୀ ବଲ୍ଲା ମୁଣ୍ଡା ଏବଂ ଝିଅ ମାଳତୀ ମୁଣ୍ଡା । ସେହିପରି ୮ ଗୁରୁତର ଆହତଙ୍କ ମଧ୍ୟରୁ କିଛି ଜଣଙ୍କୁ କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଘଟଣା ସ୍ଥଳରେ ପୋଲିସ ପହଁଚି ଦୁଇଟି ଗାଡ଼ିକୁ ଜବତ କରିଛି । କିଭଳି କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ତାହାର ଯାଞ୍ଚ ଚାଲିଛି ।

ଯାଜପୁରରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହା ସହିତ ୫ ଜଣ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଏହା ସହିତ ପ୍ରତି ଆହତଙ୍କୁ ଉତ୍ତମ ଚିକିତ୍ସା ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆ।ବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁୟ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

# ଅଧର୍ମୀଙ୍କୁ ବିନାଶ କରି ଧର୍ମ ପ୍ରତିଷ୍ଠା



ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧମାଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତି ଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳି ଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍‌କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ଧର୍ମଯୁଦ୍ଧରେ ଅଧର୍ମୀଙ୍କ ପରାଜୟ ହେଲା। ଯୁଧିଷ୍ଠିର ଧର୍ମରାଜ୍ୟ ସ୍ଥାପନ କଲେ । ଶ୍ରୀକୃଷ୍ଣ ନିଃସନ୍ଦେହରେ ଧର୍ମଗୁରୁ ଥିଲେ। ସେ ଧର୍ମତତ୍ତ୍ୱ ଜ୍ଞାନ ସାରା ସଂସାରକୁ ଦେଇଗଲେ। ଧର୍ମପଥରେ ଚାଲିବାର ପ୍ରେରଣା ପ୍ରଦାନ କରି ସେ ମାନବ ଜଗତର ଉଦ୍ଧାର କରିଥିଲେ ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ



ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଚାହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହ□ ରହିଛି । ଦିଗର ମହ□ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଚାଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ। ଏହି ଦିଗର ସ୍ୱାମୀ ବରୁଣ ଦେବ। ତାଙ୍କ ସହ ଶନିଙ୍କ ପ୍ରଭାବ ମଧ ରହିଥାଏ ଏହି ଦିଗ ଉପରେ। ଚାଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ'ଣ ନ ରଖିବା ଦରକାର।

ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ। ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ ନୁହେଁ । ନଚେତ୍ ଘର ଭିତରେ ନକାରାତ୍ମକ ଉର୍ଜ୍ଜା ବଢିଥାଏ।

ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ। ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ।

ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର ।

ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ। ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ ।

କରନ୍ତୁନି ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ ପଶ୍ଚିମ ଦିଗରେ ରଖିବା ଅନୁଚିତ। ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

# ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

ମାନସିକ ସନ୍ତୁଳନ:

ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

ଥକ୍କାପଣ ଦୂର କରିଥାଏ :

ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

ଶ୍ୱାସ ରୋଗ:

ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆ।ଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

ହରମୋନ ସନ୍ତୁଳନ କରିଥାଏ :

ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

ରକ୍ତ ପ୍ରବାହ :

ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚାରୁ ରୂପେ କରିଥାଏ।



# ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ ଅନ୍ୟ କାହା ସହ କଥାବାର୍ତ୍ତା ମଧ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.



■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ଓଡ଼ିଶା ବିଶ୍ୱକୁ ପଥ ପ୍ରଦର୍ଶନ କରିଆସିଛି

**ଭୁବନେଶ୍ୱର, ୪।୫ (ମହାଭାରତ):** ଜ୍ଞାନ ଭୂମି ଭାବରେ ଓଡ଼ିଶା ଅନାଦି ଅନନ୍ତ କାଳରୁ ସାରା ବିଶ୍ୱକୁ ପଥ ପ୍ରଦର୍ଶନ କରିଆସିଛି, ଯେଉଁଠି କଳିଙ୍ଗ ଯୁଦ୍ଧ କେବଳ ଏକ ରକ୍ତାକ୍ତ ସଂଗ୍ରାମ ନଥିଲା, ବରଂ ଏହା ମାନବିକତାର ବିଜୟ ଓ ଶାନ୍ତିର ବାର୍ତ୍ତା ପ୍ରସାର କରିଥିଲା । ଶ୍ରୀଲଙ୍କା ଠାରୁ ଆରମ୍ଭ କରି ସାଉଥ୍-ଇଷ୍ଟ ଏସିଆ ପର୍ଯ୍ୟନ୍ତ ଯେଉଁ ଭାରତୀୟ ସଂସ୍କୃତିର ଛାପ ଦେଖିବା ପାଇଁ ମିଳୁଛି, ତା'ର ଆଦି କେନ୍ଦ୍ର ଆମ ଓଡ଼ିଶା ହିଁ ଥିଲା । ଓଡ଼ିଶାର ନୌ-ବାଣିଜ୍ୟ, କୃଷି, ମନ୍ଦିର କଳା, ସାହିତ୍ୟ, ସୁସଂସ୍କୃତି - ଏ ସବୁର ମୂଳ କାରଣ ସେ ସମୟର ଶିକ୍ଷା । ଓଡ଼ିଶା ଆରମ୍ଭରୁ ହିଁ ଶିକ୍ଷା ଅନୁରାଗୀ ଓ ଶିକ୍ଷା ଦ୍ୱାରା ଚାଳିତ ହେଉଥିବା ଗୋଟେ ଅଞ୍ଚଳ ଥିଲା । ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଭୁବନେଶ୍ୱରରେ ଓଡ଼ିଶାର ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଜାତୀୟ ଶିକ୍ଷା ନୀତି - ୨୦୨୦ର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କର୍ମଶାଳା "ପ୍ରଜ୍ଞା ପ୍ରେରଣା"ର ଉଦଘାଟନୀ ସମାରୋହରେ ଯୋଗ ଦେଇ ସେ ଏହା କହିଛନ୍ତି ।



କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଓ ଶିକ୍ଷାବିତମାନେ ଯୋଗ ଦେଇଥିଲେ ।

ସେ କହିଛନ୍ତି ଯେ, ସାରଳା ମହାଭାରତ, ଚଣ୍ଡୀ ପୁରାଣ ଓ ବିଲଙ୍କା ରାମାୟଣ ଭଳି କାଳଜୟୀ କୃତି ଏହାର ଜ୍ୱଳନ୍ତ ପ୍ରମାଣ । ସେହିପରି ପଠାଣି ସାମନ୍ତ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଫକୀର ମୋହନ ସେନାପତି ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ମନୀଷୀମାନେ ଓଡ଼ିଆ ଜାତି ଓ ସଭ୍ୟତାର ବୌଦ୍ଧିକ ଶ୍ରେଷ୍ଠତାର ପ୍ରତୀକ ଅଟନ୍ତି । ବୌଦ୍ଧ ଧର୍ମର ପ୍ରମୁଖ ଶାଖା 'ବଜ୍ରଯାନ'ର ପ୍ରଣେତା ଗୁରୁ ପଦ୍ମସମ୍ଭବ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ଏବଂ ଏହି ମାଟିରୁ ହିଁ ବଜ୍ରଯାନର ଉତ୍ପତ୍ତି ହୋଇ ହିମାଳୟ ସମେତ ତିବ୍ବତ ଓ ଅରୁଣାଚଳ ପର୍ଯ୍ୟନ୍ତ ବ୍ୟାପିଥିଲା । ସେ କହିଛନ୍ତି ଯେ, ତେଣୁ ଏହି ପବିତ୍ର ମାଟିର ପାଠ୍ୟକ୍ରମ ଓ ସଂସ୍କୃତି ଓଡ଼ିଶାର ନିଜସ୍ୱ ଆବଶ୍ୟକତାକୁ ଭିତ୍ତି କରି ପ୍ରସ୍ତୁତ ହେବା ଉଚିତ୍, ଯେଉଁଥିରେ ଆମର ୪୫୦ କିଲୋମିଟର ଲମ୍ବ ସମୁଦ୍ର ଘେରା ଭୂମି, ବିପୁଳ ଖଣିଜ ସମ୍ପଦ ଏବଂ ଆଧ୍ୟାତ୍ମିକ ସମ୍ଭାବନାକୁ ଶିକ୍ଷା ଓ ଅର୍ଥନୈତିକ ପ୍ରଗତି ସହ ଯୋଡ଼ାଯିବ । ବିଶ୍ୱବିଦ୍ୟାଳୟଗୁଡ଼ିକ 'ଭବନ ନିର୍ମାଣ'ରେ ସୀମିତ ନ ରହି, ଉନ୍ନତ ଚିନ୍ତାଧାରା ଓ ନବୋନ୍ମେଷ ବା 'ଭାବନା ନିର୍ମାଣ' ଉପରେ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ସଫଳ କରିବ ।

ସେ କହିଛନ୍ତି ଯେ ଆମର ଶିକ୍ଷା ବ୍ୟବସ୍ଥାରେ ସ୍ଥାନୀୟ ଇତିହାସ, ଗାଁ ମନ୍ଦିର ଏବଂ ଓଡ଼ିଶାର ଅଜ୍ଞାତ ନାୟକମାନଙ୍କ ବୀରତ୍ୱ ଗାଥାକୁ ସାମିଲ କରି ଛାତ୍ରଛାତ୍ରୀଙ୍କୁ ନିଜ ମାଟିର ଗୌରବ ବିଷୟରେ ଅବଗତ କରାଇବା ଅତ୍ୟନ୍ତ ଜରୁରୀ । ସନ୍ଥ କବି ଭୀମ ଭୋଇ, ଗୋପବନ୍ଧୁ ଦାସ ଏବଂ ପଠାଣି ସାମନ୍ତଙ୍କ ଭଳି ମହାପୁରୁଷଙ୍କ ଦର୍ଶନ ଓ ବୈଜ୍ଞାନିକ ଜ୍ଞାନକୁ ପାଠ୍ୟକ୍ରମରେ ଗୁରୁତ୍ୱ ଦେବା ସହ ପଠାଣି ସାମନ୍ତଙ୍କ ଆଷ୍ଟ୍ରୋଫିଜିକ୍ସ ଓ ଆଷ୍ଟ୍ରୋନୋମି ଜ୍ଞାନକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆମକୁ ଉଦ୍ୟମ କରିବାକୁ ହେବ । କୋରାପୁଟର ଧାନ ଚାଷର କଥା ଓ ସମ୍ବଲପୁର ଭୀମ ମଣ୍ଡଳୀର ପୁରାତନ 'ରକ୍ ଆର୍ଟ' ଭଳି ଓଡ଼ିଶାର ଗୌରବମୟ ତଥ୍ୟକୁ ଆଧାର କରି ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଉଚିତ୍ ।

# ଭାପୁର ପୀଡ଼ିତାକୁ ଭେଟିଲା ପିସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ

**ଭୁବନେଶ୍ୱର, ୪।୫ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଦିନ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ ଏସସିବି ହସପିଟାଲ ଯାଇ ଢ଼େଙ୍କାନାଳ ଜିଲ୍ଲା ଭାପୁର ପୀଡ଼ିତାଙ୍କୁ ସାକ୍ଷାତକରି ପୀଡ଼ିତାର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଏହି ଟିମ ହସପିଟାଲର ସୁପିରିଟେଣ୍ଡେଣ୍ଟ ଏବଂ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଭେଟି ପୀଡ଼ିତା କେଉଁ ସ୍ଥିତିରେ ଅଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଶ୍ରୀମତୀ ବାହିନୀପତି କହିଥିଲେ ଯେ ଅପରାଧୀ ମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ ଗିରଫ ନକରିପାରିବା ଦୁର୍ଭାଗ୍ୟଜନକ। ପୀଡ଼ିତା ଦଳିତ ବର୍ଗର। ଦୁଷ୍କର୍ମପରେ ତାଙ୍କୁ ଯେଭଳି ଅମାନୁଷିକ ଭାବରେ ଆକ୍ରମଣ କରାଯାଇଛି ତାହାହୃଦୟବିଦାରକ। ତାଙ୍କ ମୁହଁ, ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଯେଉଁଭଳି ଭାବରେ ଗଭିର କ୍ଷତ ହୋଇଛି ତାହା ମର୍ମନ୍ତୁଦ। ପୀଡ଼ିତାର ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି, ପୀଡ଼ିତା ଓ ତାର ପରିବାରକୁ ସୁରକ୍ଷା ଏବଂ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଦାବି ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସସ୍ମିତା ବେହେରା, ସିପ୍ରା ମଲ୍ଲିକ, ସୋନାଲି ସାହୁ, ପ୍ରଣତୀ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ମନିଷା ଦାଶ ପଟ୍ଟନାୟକ, ସମସିଦା ତାୟବ, ଅମ୍ରିତା ଦାସ,



ମାଣିକ ପ୍ରଭା, ଶିଳ୍ପିଶ୍ରୀ ହରିଚନ୍ଦନ, କର୍ପୋରେଟର ସନ୍ତୋଷ ଭୋଳ, କର୍ପୋରେଟର ଜେ କାମେଶ୍ୱର ରାଓ, ସୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ପ୍ରତାପ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷାରେ କିସ୍‌ର ଶତ ପ୍ରତିଶତ ସଫଳତା

**ଭୁବନେଶ୍ୱର, ୪।୫ (ମହାଭାରତ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି।



ସମଗ୍ର ଓଡ଼ିଶାରେ ପାସ୍ ହାର ୯୫.୩୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। କିସ୍ ଆରମ୍ଭରୁ ଲଗାତାର ୧୯ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲ୍‌ର ମୋଟ ୨୦୩୧ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୦ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ସୁଚେତା ସୋରେନ୍ ସର୍ବାଧିକ ୫୬୮ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୧୩୧ ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି। ସେଥିମଧ୍ୟରୁ ୪୬ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍‌ର ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବଂଶର ପ୍ରଥମ ପିଢ଼ି।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ସମୟସୀମା ବୃଦ୍ଧି

**ଭୁବନେଶ୍ୱର, ୪।୫ (ମହାଭାରତ):** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୬-୨୭ ମାର୍ଚ୍ଚ ସେସନ ନାମଲେଖା ପାଇଁ ଅନଲାଇନ ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ଏହା ମେ' ୧୫ ତାରିଖ ଯାଏଁ ଚାଲିବ। ଛାତ୍ରଛାତ୍ରୀମାନେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ୍ ସର୍ଭିସେସ୍' ପାଠ୍ୟକ୍ରମ ଅଧୀନରେ ମୋଟ ୧୦ଟି ବିଷୟରେ ନାମଲେଖାଇ ପାରିବେ। ବିଶ୍ୱ ଦକ୍ଷତା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ମେ' ୩୧ ତାରିଖରେ ଅନଲାଇନ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହାପରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ପରେ ଜୁନ୍ ମାସରୁ ପାଠପଢ଼ା ଆରମ୍ଭ ହେବ।




ବିଶ୍ୱ ଦକ୍ଷତା କେନ୍ଦ୍ରର 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଅଧୀନରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ୍, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍ (ଲିଫ୍ଟ ଟେକ୍ନୋଲୋଜି) ଏବଂ ପ୍ରିସିସନ ଇଞ୍ଜିନିୟରିଂ ସହ ନୂଆ କରି ଆରମ୍ଭ ହେବାକୁ ଯାଉଥିବା ଡିଜିଟାଲ ଆନିମେସନ ବିଷୟ ରହିଛି। ଏହିସବୁ ଅତ୍ୟାଧୁନିକ ବିଷୟରେ ନାମଲେଖା ପାଇଁ ପ୍ରାର୍ଥୀମାନେ ଯେକୌଣସି ସରକାରୀ କିମ୍ବା ଘରୋଇ ଶିଳ୍ପ ତାଲିମ କେନ୍ଦ୍ର ତଥା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ, ୩ ବର୍ଷିଆ ଡିପ୍ଲୋମା, ବି.ଇ କିମ୍ବା ବି.ଟେକ୍ କରିଥିବା ଆବଶ୍ୟକ।

ସେହିପରି 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ଅତ୍ୟାଧୁନିକ 'ବ୍ୟୁଟି ଆଣ୍ଡ ୱେଲନେସ୍' ପାଠ୍ୟକ୍ରମ ସହ ହସ୍ପିଟାଲିଟି ଓ ହୋଟେଲ ଅପରେସନ ଏବଂ ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଏ ଚେନ ମ୍ୟାନେଜମେଂଟ ଭଳି ଦୁଇଟି ନୂଆ ବିଷୟରେ ନାମଲେଖା ହେବ। ଏଥିପାଇଁ ପ୍ରାର୍ଥୀମାନେ ଯୁକ୍ତ ୨, ସଂପୃକ୍ତ ବିଷୟରେ ଆଇଟିଆଇ କିମ୍ବା ଡିପ୍ଲୋମା କରିଥିବା ଆବଶ୍ୟକ।ଚଳିତବର୍ଷ ବିଶ୍ୱ ଦକ୍ଷତା କେନ୍ଦ୍ର ନାମଲେଖା ପ୍ରକ୍ରିୟାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବାହାର ପ୍ରାର୍ଥୀଙ୍କ ପାଇଁ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ କରିବାକୁ ବ୍ୟବସ୍ଥା କରାଯାଇଛି। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟ୍ ରେ ପଞ୍ଜୀକରଣ କରି ନିଜ ପସନ୍ଦର ବିଷୟରେ ନାମଲେଖା ପାଇଁ ଅନଲାଇନ ଆବେଦନ କରିପାରିବେ। ନାମଲେଖା ବିଷୟରେ ଅଧିକ ଜାଣିବା ପାଇଁ ଛାତ୍ରଛାତ୍ରୀମାନେ ୧୮୦୦ ୨୬୬ ୬୦୦୨ ଟୋଲ ଫ୍ରି ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ।

# ମଧୁବାବୁ ଓ ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୪।୫ (ମହାଭାରତ):** ଜାତୀୟ ଜନଜୀବନର ଦୁଇ ଉଜ୍ଜଳ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅସୀମ ତ୍ୟାଗ କେବଳ ଓଡ଼ିଶାର ଭାଗ୍ୟରବିକୁ ଉଜ୍ଜଳ କରି ନ ଥିଲା, ସମଗ୍ର ଭାରତୀୟ ଜାତୀୟତା ଓ ଗଣତନ୍ତ୍ରିକ ଭିତିଭୂମିକୁ ମଜବୁତ କରିଥିଲା। ବିଳମ୍ବରେ ହେଲେ ମଧ ଉଭୟଙ୍କୁ ମରଣୋତର ଭାରତରତ୍ନ ଉପାଧିରେ ଭୂଷିତ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଦାବି କରିଛନ୍ତି। ଲୋକଭବନଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏହି ମର୍ମରେ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।




ଉକ୍ତ ସ୍ମାରକପତ୍ରରେ ଶ୍ରୀ ହରିଚନ୍ଦନ ଦର୍ଶାଇଛନ୍ତି, କୁଳବୃଦ୍ଧ ମଧୁସୂଦନ କେବଳ ଦେଶର ପ୍ରଥମ ଭାଷାଭିତିକ ରାଜ୍ୟ ଓଡ଼ିଶା ଗଠନର ଉଦ୍‌ଗାତା ନ ଥିଲେ, ଦେଶର ସଂଘୀୟ ବ୍ୟବସ୍ଥାର ସାଂସ୍କୃତିକ ମୂଳଦୁଆ ସ୍ଥାପନ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଉଚ୍ଚକୋଟୀର ଆଇନଜ୍ଞ ଭାବେ ବିଦିତ ମଧୁସୂଦନ ଜଣେ ସମାଜ-ସୁଧାରକ ଓ ଦୂରଦ୍ରଷ୍ଟା ଥିଲେ। ସେହିପରି, ସାଧାରଣ ଜନତାର ସ୍ୱର ଗୋପବନ୍ଧୁ ପାରିବାରିକ ସୁଖସ୍ୱାଚ୍ଛନ୍ଦକୁ ଜଳାଂଜଳି ଦେଇ ଦେଶବାସୀଙ୍କର ସେବା କରିଥିଲେ। ଏହି ନିର୍ଭିକ ମହାମନିଷୀଙ୍କୁ ମହାତ୍ମା ଗାନ୍ଧୀ, ସୁଭାଷ ବୋଷ ଓ ଲଜପତ ରାୟଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱମାନେ ପ୍ରଶଂସାରେ ପୋତିପକାଇଥିଲେ। ଉଭୟ ଜାତିପ୍ରାଣ ରାଷ୍ଟ୍ରନୀତିଜ୍ଞଙ୍କ ନାମ ଭାରତରତ୍ନ ତାଲିକାରୁ ଏ ଯାଏ ବାଦ ପଡ଼ିବା ଆଧୁନିକ ଭାରତ ଇତିହାସର ଏକ ବିଡ଼ମ୍ବିତ ଅଧ୍ୟାୟ। ତେଣୁକରି ଆଉ କାଳ ବିଳମ୍ବ ନ କରି ଉଭୟ ସମାଜ ସଂସ୍କାରକଙ୍କୁ ଭାରତରତ୍ନ ପ୍ରଦାନ କରି ଅତୀତର ଭୁଲ୍‌କୁ ସଂଶୋଧନ କରିବାକୁ ଶ୍ରୀ ହରିଚନ୍ଦନ ଆହ୍ୱାନ କରିଛନ୍ତି। ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମଧ ୨୦୨୨ରେ ଏହି ଦୁଇଜଣ ପୁଣ୍ୟାତ୍ମାଙ୍କୁ ଭାରତରତ୍ନ ଦିଆଯିବା ଉଚିତ ବୋଲି ସର୍ବସାଧାରଣରେ ମତପ୍ରକାଶ କରିଥିଲେ। ଶ୍ରୀ ହରିଚନ୍ଦନଙ୍କ ସହ ବରିଷ୍ଠ କଂଗ୍ରେସ ନେତା ବାଙ୍କନିଧି ବେହେରା, ପିସିସି ସାଧାରଣ ସଂପାଦକ ସୀତାଂଶୁ ଦାସ ଓ ସିଦ୍ଧାର୍ଥ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ।

# କାଙ୍ଗୁଲାର ସ୍ୱତନ୍ତ୍ର ସ୍କ୍ରିନିଂ ଦେଖିଲେ ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର, ୪।୫ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ ନୂତନ ଓଡ଼ିଆ ଚଳଚ୍ଚିତ୍ର 'କାଙ୍ଗୁଲା'ର ଟ୍ରେଲର ଦେଖିବା ସହ ଏହାର ଭୂୟସୀ ପ୍ରଶଂସା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅନୁଗୋଳର ପ୍ରସିଦ୍ଧ 'କାଙ୍ଗୁଲା' ଗ୍ରାମର ଦଣ୍ଡୁଆ ଦଳର ଜୀବନଶୈଳୀ ଓ ଆଧ୍ୟାତ୍ମିକ ବିଶ୍ୱାସକୁ ନେଇ ନିର୍ମିତ ଏହି ସିନେମା ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ପ୍ରତିଛବି । ସେ ଆହୁରି କହିଛନ୍ତି, ଓଡ଼ିଆ ସିନେମା କେବଳ ମନୋରଞ୍ଜନ ନୁହେଁ, ଏହା ଏକ ସାମାଜିକ ବାର୍ତ୍ତା ଓ ଆନ୍ଦୋଳନ । 'କାଙ୍ଗୁଲା' ଭଳି ଚଳଚ୍ଚିତ୍ର ଆମ ସମାଜର ଆସ୍ଥା ଓ ଶ୍ରଦ୍ଧାକୁ ବଜାୟ ରଖିବାରେ ସହାୟକ ହେବ । ଓଡ଼ିଶାର ପାରମ୍ପରିକ 'ଦଣ୍ଡ ନାଚ' ଏବଂ ମାଆ କାଳୀଙ୍କ ମହିମା ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ଓଡ଼ିଆ ମାଟିର ମୌଳିକ କାହାଣୀକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ହୋଟେଲ ପଦ୍ମଜାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଚଳଚ୍ଚିତ୍ରର ମୁଖ୍ୟ କଳାକାର ସମ୍ବିତ ଆଚାର୍ଯ୍ୟ, ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବୟସ୍କ ଏବଂ ଦିବ୍ୟାଙ୍ଗଜନଙ୍କ ଅନ୍ତର୍ଭୁକ୍ତ ଶାସନ ପାଇଁ ଓଆରସିଏଡି କର୍ମଶାଳା

**ଭୁବନେଶ୍ୱର, ୪।୫ (ମହାଭାରତ):** ଓଡ଼ିଶାର ଜନସଂଖ୍ୟା ଗଠନରେ ପରିବର୍ତ୍ତନ ଏବଂ ବୟସ୍କ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ସମନ୍ୱିତ ତଥା ଭବିଷ୍ୟତ-ଉପଯୋଗୀ ବ୍ୟବସ୍ଥାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଭୁବନେଶ୍ୱରଠାରେ ପ୍ରସ୍ତାବିତ 'ଓଡ଼ିଶା ରିସୋର୍ସ ସେଂଟର ଫର ଏଜିଙ୍ଗ ଆଣ୍ଡ ଦିବ୍ୟାଙ୍ଗଜନ ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜାତିସଂଘ ଜନସଂଖ୍ୟା ପାଣ୍ଠି ର ମିଳିତ ସହଯୋଗରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ସରକାରୀ ଅଧିକାରୀ, ଜାତିସଂଘର ବିଭିନ୍ନ ସଂସ୍ଥା ଯଥା ୟୁଏନଡିପି ଏବଂ ୟୁନସେଫ୍ ର ପ୍ରତିନିଧି, ବିକାଶମୂଳକ ସଂଗଠନ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ଏକ ଶ୍ରେଷ୍ଠତା କେନ୍ଦ୍ର ଭାବରେ ପରିକଳ୍ପିତ ଓଆରସିଏଡି, ବୟସ୍କ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମ୍ୟତା ଏବଂ ସମନ୍ୱିତ ସେବା ପ୍ରଦାନ କ୍ଷେତ୍ରରେ ଏକ ରଣନୀତିକ ଆଧାର ଭାବରେ କାର୍ଯ୍ୟ କରିବ। 'ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭'ର ସଂକଳ୍ପକୁ ସାକାର କରିବା ପାଇଁ ଏହି କେନ୍ଦ୍ର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ତଥ୍ୟ-ଭିତିକ ନୀତି ପ୍ରଣୟନ ଏବଂ ପ୍ରଶାସନିକ ସ୍ତରରେ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ବିଭାଗୀୟ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ଅବସରରେ କହିଥିଲେ ଯେ, ଜନସଂଖ୍ୟା ପରିବର୍ତ୍ତନ ସହିତ ସୃଷ୍ଟି ହେଉଥିବା ଜଟିଳ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏକ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଅପରିହାର୍ଯ୍ୟ। ସମସ୍ତଙ୍କ ପାଇଁ ସମ୍ମାନ, ସ୍ୱାଧୀନତା ଏବଂ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ପାରୁଲ ପଟାୱରୀ ଓଆରସିଏଡି ର ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ଏହା ଏକ ଜ୍ଞାନ ଏବଂ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଗବେଷଣା ଏବଂ ନୂତନ ନୀତି ପ୍ରଣୟନରେ ସହାୟତା କରିବ। ଏହି ପରାମର୍ଶ କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ପଂଚାୟତିରାଜ ଏବଂ ମହିଳା ଓ ଶିଶୁ ବିକାଶ ଭଳି ପ୍ରମୁଖ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରି ନିଜର ମୂଲ୍ୟବାନ ମତାମତ ରଖିଥିଲେ।

# ଗ୍ରୀଷ୍ମକାଳୀନ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ୱର, ୪।୫ (ମହାଭାରତ):** ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ଅତ୍ୟଧିକ ଚାହିଦାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏବଂ ସମ୍ବଲପୁରରୁ ଛାଡୁଥିବା ଅନେକ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତି ନିଆଯାଇଛି। ଭୁବନେଶ୍ୱର- କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୬୩) - : ଏହି ଟ୍ରେନରେ ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ବେଙ୍ଗାଲୁରୁ- ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୬୪) - : ଏଥିରେ ୨ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ଯୋଡ଼ାଯିବ। ଭୁବନେଶ୍ୱର- ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୧୯) - : ଏହି ଟ୍ରେନରେ ୩ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଆନନ୍ଦ ବିହାର ଟର୍ମିନାଲ - ଭୁବନେଶ୍ୱର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୨୦) - : ଏଥିରେ ୫ ମଇରୁ ୨ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଭୁବନେଶ୍ୱର-ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୨୮୭୯): ୨ ମଇରୁ ୩୦ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସହିତ ଚାଲିବ।



ତିରୁପତି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୨୮୮୦): ୩ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୩୦୧/୧୮୩୦୨): ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସହିତ ଚାଲିବ। ସମ୍ବଲପୁର- ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୦୮୩୨) - : ୩ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏଥିରେ ଏକ ଅତିରିକ୍ତ ସ୍ଲିପର କୋଚ୍ ସଂଯୋଗ କରାଯିବ। ଶାଲିମାର-ସମ୍ବଲପୁର (ଟ୍ରେନ୍ ନଂ. ୨୦୮୩୧): ୪ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ସ୍ଲିପର କୋଚ୍ ସହିତ ଚାଲିବ। ଭୁବନେଶ୍ୱର-ପୁରୁଣାକଟକ ଇଂଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୯୩): ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ସେହିପରି ପୁରୁଣାକଟକ-ଭୁବନେଶ୍ୱର (ଟ୍ରେନ୍ ନଂ. ୧୨୮୯୪) ରେ ୨ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସହିତ ଚଳାଚଳ କରିବ। ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୪୭) - : ୧ ମଇରୁ ୧୨ ମଇ ଏବଂ ୧୪ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ସେହିପରି ଜଗଦଲପୁର-ଭୁବନେଶ୍ୱର (ଟ୍ରେନ୍ ନଂ. ୧୮୪୪୮) ରେ ୨ ମଇରୁ ୧୩ ମଇ ଏବଂ ୧୫ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।

# ଆବାସ ଯୋଜନା ବାଟବଣା

ମଣିପୁରରେ ବିଦ୍ରୋହୀଙ୍କ ରକେଟ ମାଡ଼ରେ ଦୁଓଇ ଜଣ ଶିଶୁ ପ୍ରାଣ ହରାଇଥିଲେ । ବିଷ୍ଣୁପର ଜିଲ୍ଲାରେ ଏହି ଘଟଣା ଘଟିଥିଲା । ଏବେ ଦୁଇଟି ପୃଥକ ସ୍ଥାନରେ ଜାତିଗତ ହିଂସାଯୋଗୁ ୩ଜଣ ପ୍ରାଣ ହରାଇଛନ୍ତି । ଅନେକ ଘର ଜଳିଯାଇଛି । ଏହା ପଛରେ ଦେଶବିରୋଧୀ ଶକ୍ତିଙ୍କ ହାତ ରହିଛି । ସେମାନେ ମଣିପୁରରେ ସ୍ଥିରତା ଏବଂ ଶାନ୍ତି ବଜାୟ ରହୁ ବୋଲି ଚାହୁଁ ନାହାଁନ୍ତି । ଗତ ଫେବୃଆରୀ ମାସରେ ପ୍ରାୟ ଗୋଟିଏ ବର୍ଷ ପରେ ମଣିପୁରରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ହେବା ସହିତ ରାଜ୍ୟରେ ୱାଇ ଖେମଚାନ୍ଦ ସିଂଙ୍କ ନେତୃତ୍ୱରେ ବିଜେପି ସରକାର ଗଠିତ ହୋଇଥିଲା । ରାଜ୍ୟରେ ଜାତିଗତ ହିଂସାକୁ ରୋକିବାରେ ବିଫଳ ହେବା ପରେ ୨୦୨୫ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା । ଏହା ପୂର୍ବରୁ ପ୍ରାୟ ବର୍ଷେ ହେବ ରାଜ୍ୟରେ ହିଂସା ଏବଂ ଆନ୍ତ ଲାଗି ରହିଥିଲା । ରାଜ୍ୟର ଦୁଇଟି ପ୍ରମୁଖ ଜାତି କୁକି ଏବଂ ମୈତେଇଙ୍କ ମଧ୍ୟରେ ମୁକାବିଲା ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଜାତିଗତ ସଂରକ୍ଷଣ ଏବଂ ଧର୍ମାନ୍ତରୀକରଣ ଏହି ଦୁଇଟି ପ୍ରସଙ୍ଗ କେତେ ମାରାତ୍ମକ ତାହା ମଣିପୁରରେ ଦେଖିବାକୁ ମିଳିଲା । ସଂରକ୍ଷଣ ନେଇ ମଣିପୁର ହାଇକୋର୍ଟଙ୍କ ଏକ ରାୟରୁ ହିଂସା ଏବଂ ବିଦ୍ୱେଷର ରୂପ ନେଇଥିଲା ଏବଂ ତାହା ଭୟଙ୍କର ସଂଘର୍ଷରେ ପରିଣତ ହୋଇଥିଲା । ବିଦେଶୀ ଗଣମାଧ୍ୟମ ଗୁଡ଼ିକ ଏହାକୁ ଆହୁରି ବଢ଼ାଇ ଚଢ଼ାଇ ପ୍ରଚାର କରିଥିଲେ । ବହୁ ବିଳମ୍ବରେ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିଥିଲେ ଏବଂ ରାଜ୍ୟରେ ହିଂସା ଥମିଥିଲା । କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇନଥିଲା । ଏବେ ବି ଏହା ଜାରି ରହିଛି । ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ କାଳରେ ମଣିପୁରରେ ଉଗ୍ରବାଦ ଏବଂ ଜାତିଗତ ହିଂସାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ନିଆଯାଇଥିଲା । ଯେଉଁମାନେ ରାଜ୍ୟରେ ବିଜେପି ସରକାରକୁ ବିରୋଧ କରୁଥିଲେ ଏବଂ ହିଂସାକୁ ଉସୁକାଉଥିଲେ ସେମାନେ ରାଷ୍ଟ୍ରପତି ଶାସନରେ ଖୁସି ହେଲେ ଏବଂ ବିଶ୍ରାମ ନେଲେ । ମଣିପୁରରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହା ପଛରେ ବିଜେପି ଷଡ଼ଯନ୍ତ୍ର ଥିଲା । ଅନେକ ବିଦେଶୀ ରାଷ୍ଟ୍ର ଭାରତକୁ ବଦନାମ କରିବା ନିମନ୍ତେ ମଣିପୁର ହିଂସାକୁ ଏକ ଅସ୍ତ୍ର କରିଥିଲେ । ଯାହା ହେଉ ପରିସ୍ଥିତିରେ ସୁଧାରେ ଆସିବା ପରେ କେନ୍ଦ୍ର ସରକାର ମଣିପୁରରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ଲହା ସ୍ୱାଗତଯୋଗ୍ୟ । କାରଣ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକପ୍ରନିଧିଙ୍କୁ ନେଇ ସରକାର ଗଠନ ଏବଂ ଶାସନ ଚାଲିବା ଉଚିତ । ମଣିପୁରରେ ଗତ ବିଧାନସଭା ନିର୍ବାଚନରେ ବିଜେପି ସପକ୍ଷରେ ସ୍ପଷ୍ଟ ଜନମତ ମିଳିଥିଲା । ରାଜ୍ୟ ବିଧାନସଭାର ୬୦ ଆସନ ମଧ୍ୟରୁ ବିଜେପି ଦଖଲରେ ରହିଛି ୩୭ ଆନ । ସହଯୋଗୀ ଏନପିଏଫର ୫ଜଣ ଏବଂ ଜେଡିୟୁର ଜଣେ ବିଧାୟକ ଅଛନ୍ତି । ଏହିପରି ଭାବେ ଶାସକ ମେଣ୍ଟ ସପକ୍ଷରେ ସ୍ପଷ୍ଟ ବହୁମତ ରହିଛି । ତେଣୁ ରାଜ୍ୟରେ ଲକ ସ୍ଥିର ସରକାର ଗଠନରେ କୌଣସି ପ୍ରତିବନ୍ଧକ ନଥିଲା । ଏବେ ନୂଆ ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ ସୁଶାସନ, ବିକାଶ ଏବଂ ଶାନ୍ତି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ଉଚିତ । ପୂର୍ବରୁ ସେ ଜଣେ କ୍ୟାବିନେଟ ମନ୍ତ୍ରୀ ଥିଲେ । ଶାସନ ବ୍ୟବସ୍ଥା ସହିତ ସେ ପରିଚିତ ଏବଂ ବେଶ ଅଭିଜ୍ଞ । ସେ ମୈତେଇ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ବେଳେ କୁକି ସମ୍ପ୍ରଦାୟର ଜଣଙ୍କୁ ଉପ-ମୁଖ୍ୟମନ୍ତୀ କରାଯାଇଛି । ଏହା ଫଳରେ କେହି ଅସନ୍ତୁଷ୍ଟ ହେବେ ନାହିଁ ଏବଂ ସରକାର ଠିକ ଚାଲିବ ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି । କିନ୍ତୁ ସରକାର ଗଠନର ୨ ମାସ ନପୁରୁଣୁ ରାଜ୍ୟରେ ପୁଣି ହିଂସାକାଣ୍ଡ ସୃଷ୍ଟି ହୋଇଛି । ସବୁଠାରୁ ଅଧିକ ହିଂସା ପ୍ରଭାବିତ ଚୁରାଚାନ୍ଦ୍ରପୁରରେ ହିଂସା ବ୍ୟାପିବା ଆରମ୍ଭ କରିଛି । ଏହା ରାଜ୍ୟର ଅନ୍ୟସ୍ଥାନକୁ ମଧ୍ୟ ବ୍ୟାପିବା ଆଶଙ୍କା ରହିଛି ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

> "ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ରେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପର୍ଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍ଲୋଡ କରିବା ଦେଖାଯାଇଥିଲା । ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍ଫେଙ୍ଗ୍ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍ଚେନ୍ଫେଙ୍ଗ୍ (ନାନ୍ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ଭିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଗୋପବନ୍ଧୁ ଦୀନବନ୍ଧୁ

॥ ବାଦଲ ଭୂୟାଁ ॥

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଈପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ । ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,

# ନକାରାତ୍ମକ ବ୍ୟବହାର ଅବସାଦର କାରଣ

॥ ଡାକ୍ତର ସମ୍ରାଟ କର ॥

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ । ତାଙ୍କ ସାନ ଭାଇ ବେଳେ ବେଳେ ଉତ୍ତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତ୍ତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି । ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି । ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ବା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି । ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ । ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ । ଏହି ଟକ୍ସିକ ବିହେଭିୟର ଅନେକ ପ୍ରକାର ହୋଇଥାଏ । ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି । ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ । ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି । କାରଣ ସବୁବେଳେ ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ । ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ । ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍ସିଟିଭିଟି ଦେଖାଯାଏ । ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ଓର୍ଥ, ବା ଆତ୍ମସମ୍ମାନ ମଧ୍ୟ ହାନି ହୋଇଥାଏ । ଏହା ଯୋଗୁଁ ନିଜ ଭିତରେ ଲଜ୍ଜ୍ୟାବୋଧ, ଅପରାଧ ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ । ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ ଅନୁଭୂତ ହୋଇଥାଏ । ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ । ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ ପଛାଇ ନଥାନ୍ତି । ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦିଷ୍ଟ ତଥ୍ୟ ରହିଛି । ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ବା ନିଜର କର୍ତ୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ବା ହାଥ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ । ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତ୍ତିକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ । କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ।

ଏ କ୍ଷେତ୍ରରେ ଲୋକଟିର ପାଖ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି । ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ । ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ ସଚେତନ ରୁହନ୍ତୁ । ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ପୃଥ୍ୱୀରାଜ ସାହୁ ଭାରତୀୟ ସିପକ୍‌ଟାକ୍ର ଦଳର ମ୍ୟାନେଜର ନିଯୁକ୍ତି



ବିଷମ କଟକ, (ମହାଭାରତ) : ଚଳିତ ମାସରେ ମାଲେସିଆର କୁଆଲାମ୍ପୁରେ ଠାରେ ହେବାକୁ ଥିବା ସିପକ୍‌ଟାକ୍ର ବିଶ୍ୱକପ ପ୍ରତିଯୋଗିତା ରେ ଭାରତୀୟ ଦଳ ସ୍ଥାନ ପାଇଛି । ରାଜ୍ୟ ସିପକଟାକ୍ର ସଂଘ ସମ୍ପାଦକ ପୃଥ୍ୱୀରାଜ ସାହୁ ଙ୍କୁ ଭାରତୀୟ ଦଳର ପରିଚାଳକ ଭାବରେ ନିଯୁକ୍ତ ପାଇଛନ୍ତି । ବିଶ୍ୱ କପ ମେ ୧୬ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପୃଥ୍ୱୀରାଜ ଙ୍କ ନେତୃତ୍ୱରେ ଭାରତୀୟ ଦଳ ୧୩ ମଇ ୨୦୨୬ ରେ ଦିଲ୍ଲୀରୁ ମାଲେସିକଆ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଶ୍ରୀ ସାହୁ ଭାରତୀୟ ସିପକଟାକ୍ର ଦଳ ର ଯୁଗ୍ମ ସମ୍ପାଦକ ମଧ୍ୟ ରହିଛନ୍ତି । ଏଥି ପୂର୍ବରୁ ୨୦୧୯ ରେ ଥାଇଲାଣ୍ଡ ରେ ହୋଇଥିବା କିଂଙ୍ଗସ୍ ବିଶ୍ୱକପ ରେ ଭାରତୀୟ ଦଳର ମ୍ୟାନେଜର କାର୍ଯ୍ୟକୁ ଶ୍ରୀ ସାହୁ ସୂଚାର ରୂପେ ତୁଲାଇଥିବା ରୁ ବର୍ତମାନ ପୁଣି ଏହି ଦାୟୀତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି । ପୃଥ୍ୱୀରାଜ ସାହୁ ଭାରତୀୟ ଦଳର ପରିଚାଳକ ନିଯୁକ୍ତି ହୋଇଥିବାରୁ ରାୟଗଡା ଜିଲ୍ଲା ସିପକ୍‌ଟାକ୍ର ସଂଘ ସଭାପତି ରବିନ୍ଦ୍ର ନାଥ ପଣ୍ଡ, ସମ୍ପାଦକ ଦିଲିପ କୁମାର ପଟ୍ଟନାୟକ,ଯୁଗ୍ମ ସମ୍ପାଦକ ସମର କୁମାର ସାହୁ,କୋଷାଧ୍ୟକ୍ଷ ଶଶିଭୂଷଣ ପଟ୍ଟନାୟକ, ଶିବରାମ ନାୟକ, ଦେବୀ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ଥାନାରେ ଅଭିଯୋଗ ହେଲା, କିପରି ଚପିଗଲା ?

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ପଞ୍ଚାୟତ କାଳିଆକଣ ଜଣେ ୬୪ ବର୍ଷୀୟ ମହିଳା ଗତ କାଲି ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଚାପି ଦେବାବେଳେ ତାଙ୍କ ଉପରେ ଚାପ ସୃଷ୍ଟିକରି ଘଟଣାକୁ ରଫାଦଫା କରିବାକୁ ଦୀର୍ଘ ୨୪ ଘଣ୍ଟା ହେଲା ଯୋଜନା ଚାଲିଛି। ଚାପ ଏତେ ଯେ ଘଟଣାକୁ ସମାଧାନ କରିବାକୁ ଅଭିଯୋଗ ଆଣିଥିବା ପରିବାର ବି ରାଜିହୋଇଥିବା ଖବର ମିଳୁଛି। ଯେଉଁଥିରେ ଥାନା ଭିତରେ ଦଣ୍ଡିଆଗିରି କରୁଥିବା ବ୍ୟକ୍ତି ଓ ପୁଲିସର ହାତ ରହିଛି ବୋଲି ସୂଚନା ମିଳିଛି। ସବୁଠାରୁ ବଡ଼କଥା ହେଲା ବାହାର ଜିଲ୍ଲାରେ ଜଣେ ପୁଲିସ୍ ଅଫିସର ଭାବେ କାର୍ଯ୍ୟକରୁଥିବା ପରିବାର ନାଁରେ ଅଭିଯୋଗ ହୋଇଥିଲା। ପୁଲିସ ବିଭାଗରେ ଜଣେ ବରିଷ୍ଠ ଅଧିକାର ଭାବେ କାର୍ଯ୍ୟକରୁଥିଲା ବେଳେ ଗାଁକୁ ଆସି ଦବଙ୍ଗଗିରି ଦେଖାଇବା ସହ ପରିବାର ଲୋକ ଅଭିଯୋଗକାରୀ ମହିଳାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଅସ୍ତରଙ୍ଗ ପୁଲିସର ନିଜ ଜାତିଭାଇ ପରିବାରକୁ ଅନୁକମ୍ପା ଦେଖାଇବା ଘଟଣା ଚାରିଆଡେ ପ୍ରଘଟ ହେଉଛି,ସୂଚନାନୁସାରେ କାଳିଆକଣ ମୌଜାର ହେମ ବେହେରା ଗତକାଲି ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗ ମୁତାବକ ସ୍ଥାନୀୟ ଅଞ୍ଚଳରୁ ଏକ କାରରେ ୭ ଜଣ ବ୍ୟକ୍ତି ଆସି ପହଞ୍ଚିବା ସହ ଘର ଭିତରକୁ ପ୍ରଥମେ ଦୁଇଜଣ ପ୍ରବେଶ କରି ତାଙ୍କ ପୁଅ ଭଗୁ ବେହେରାଙ୍କୁ ବାହାରକୁ ଟାଣି ଆଣିଥିଲେ। ବାହାରେ ୭ ଜଣ ଯାକ ମିଳିମିଶି ବିଧା ଗୋଇଠା ମାଡ ମାରିଥିଲେ ମାରିଥିଲେ। ପୁଅକୁ ମାଡ ମାରିବା ବେଳେ ମୋ ପୁଅକୁ ଛାଡି ?ଦିଅ କହି ମହିଳା ଜଣକ ପ୍ରତିରୋଧ କରିବାରେ ସେ ମଧ୍ୟ ଆକ୍ରମଣର ଶିକାର ହେବା ଯାହା ତାଙ୍କର ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ମାଡ ସହ ଧମକ ଚମକ ଦେବା ବେଳେ ପଡିଶା ଲୋକ ପହଞ୍ଚିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ଛାଡି ପଳାଇଥିଲେ। ପଡିଶା ଲୋକମାନେ ଆହତ ମହିଳା ଓ ତାଙ୍କ ପୁଅକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ତେବେ ଏହି ଘଟଣାରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଚିଠା ସହ ମହିଳା ଜଣକ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଥିବା ମୁଦୁଲାମାନେ ହେଲେ ଶିବଚରଣ ବେହେରା ଟୁକୁନା ବେହେରା ପଞ୍ଚୁ ବେହେରା , ଦେଇ ବେହେରା, ତଉଲି ବେହେରା, ଜ୍ୟୋସ୍ନାରାଣୀ ବେହେରା ଓ ଅନ୍ୟଜଣେ ରହିଛନ୍ତି। ଏ ସମସ୍ତ ମୁଦୁଲା ଅନ୍ୟ ଜିଲ୍ଲାରେ କାର୍ଯ୍ୟରତ ଜଣେ ପୁଲିସ ଅଫିସରଙ୍କ ସମ୍ପର୍କୀୟ ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି।ଅଭିଯୋଗମୁତାବକ ଘଟଣାଟି ସମ୍ବେଦନଶୀଳ ଆଡକୁ ଇଙ୍ଗିତ କରୁଥିଲା ବେଳେ ଅଭିଯୋଗ ପରେ ଘଟଣାକୁ ରଫାଦଫା କରିବା ସ୍ଥାନୀୟ ପୁଲିସ ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

## ପଶ୍ଚିମ ବଙ୍ଗରେ ବିଜୟ ପରେ ପରଜଙ୍ଗରେ ବିଜେପି ଦଳର ଖୁସିର ମାହୋଲ



ପରଜଙ୍ଗ, (ମହାଭାରତ): ପଶ୍ଚିମ ବଙ୍ଗରେ ପନ୍ଦର ବର୍ଷର ତୃଣମୂଳ ସରକାରର ପତନ ଓ ଭାରତୀୟ ଜନତା ପାଟିର ମହାବିଜୟ ପରେ ସାରା ଦେଶରେ ଏବେ ବିଜେପି ପକ୍ଷରୁ ଖୁସିର ମାହୋଲ ଦେଖା ଦେଇଥିବା ବେଳେ ତାହା ମଧ୍ୟ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଦେଖିବାକୁ ମିଳିଛି। ପଶ୍ଚିମ ବଙ୍ଗରେ ବିଜେପିର ମହାବିଜୟ ପରେ ପରଜଙ୍ଗ ବଜାର ସ୍ଥିତ ମହେଶ ଚନ୍ଦ୍ର ସୁବାହୁ ସିଂ ପ୍ରତି ମୂର୍ତ୍ତି ନିକଟରେ ବିଜେପିର ଖୁସିର ମାହୋଲ ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ପରଜଙ୍ଗ ବିଜେପିର ସକ୍ରିୟ ସଦସ୍ୟ ଯୁବ ମୁର୍ଚ୍ଛା ଦୀପକ କୁମାର ଗୋଛାୟତାଙ୍କରେ କାର୍ଯ୍ୟକ୍ରମ ହୋଇଥିଲା । ତେବେ ଏନେଇ ପଶ୍ଚିମ ବଙ୍ଗ ବାସି ମାନନୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆସ୍ଥା ଭରସା ରଖି ବଙ୍ଗବାସି ବିଜେପିକୁ ମୁକୁଟ ପିନ୍ଧାଇଥିବା ବେଳେ କଂଗ୍ରେସ ଓ ବିଜେଡି ଏହି ବିଜୟକୁ ସହଜରେ ବିଶ୍ୱାସ କରି ପାରୁ ନାହାନ୍ତି ବୋଲି ଜିଲ୍ଲା ଉପ ସଭାନେତ୍ରୀ ବନଲତା ମହାନ୍ତି କହିଛନ୍ତି ।

# କେଶଡିହା ଗ୍ରାମରେ ପେଶା ଗ୍ରାମସଭା ଅନୁଷ୍ଠିତ




କରଞ୍ଜିଆ, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ଗ୍ରାମପଞ୍ଚାୟତର କେଶଡିହା ଗ୍ରାମର ୬ ନମ୍ବର ୱାର୍ଡରେ ସୋମବାର ଦିନ ପେଶା ଗ୍ରାମସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଭିତରେ ପେଶା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହି ସଭାର ପ୍ରଧାନ ଉଦ୍ଦେଶ୍ୟ ଥିଲା। ସଭା ଆରମ୍ଭର ପୂର୍ବରୁ ଗ୍ରାମ ପ୍ରବେଶ ପଥରେ ଥିବା ପେଶା ଆଇନ ୧୯୯୬ ଏବଂ ଭାରତୀୟ ସମିଧାନର ଅନୁଚ୍ଛେଦ ୨୪୪(୧) ଲେଖା ଥିବା ପଥର ପାଖରେ ପୂଜକଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇଥିଲା। ଏହା ପରେ ମଙ୍ଗଲ ବାନାରାଙ୍କ ସଭାପତିତ୍ୱରେ ସଭାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପେଶା ଗ୍ରାମସଭା କୋଓର୍ଡିନେସନ କମିଟିର ସମ୍ପାଦକ ନାନାରାମ ମୁର୍ମୁ ଯୋଗଦେଇଥିଲେ। ସେଥିପାଇଁ ଜିଲ୍ଲା କୋଓର୍ଡିନେଟର ଠାକୁରମୁଣ୍ଡା ବ୍ଲକ ସଭାପତି ବୁଢାନ ମୁର୍ମୁ, କପ୍ତିପଦା ବ୍ଲକ ସଭାପତି ସୁନାରାମ ଟୁଡୁ, ଉଦଳା ବ୍ଲକ ସଭାପତି ବାଗେଲ ହାଂସଦା, ସାଧୁ ଚରଣ କେଣ୍ଡାକେଲ, ପୂର୍ବତନ ସରପଞ୍ଚ ରଘୁନାଥ ନାଏକ ଓ ଆଇନଜୀବୀ ଗଣେଶ ଗାଗାରାୟ ଉପସ୍ଥିତ ଥିଲେ। ଏହା ସହ ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ମାନେ ଅଂଶଗ୍ରହଣ କରିଥିଲେ। ସଭାରେ ନାନାରାମ ମୁର୍ମୁ ପେଶା ଆଇନ ୧୯୯୬ ଏବଂ ସମିଧାନର ଅନୁଚ୍ଛେଦ ୨୪୪(୧) ଅନୁଯାୟୀ ସ୍ୱୟଂଶାସନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯିବ, ସେ ବିଷୟରେ ବିସ୍ତୃତ ଉପଦେଶ ଦେଇଥିଲେ। ସେ କହିଥିଲେ ଯେ, ପେଶା ଆଇନ ଦ୍ୱାରା ଆଦିବାସୀ ଓ ଗ୍ରାମୀଣ ଲୋକମାନେ ନିଜର ଅଧିକାର ସୁରକ୍ଷିତ କରିପାରିବେ ଏବଂ ସ୍ୱୟଂଶାସନକୁ ମଜବୁତ କରିପାରିବେ। ସଭାରେ ପଞ୍ଚାୟତର ସମସ୍ତ ୱାର୍ଡବାସୀ ପେଶା ନିୟମକୁ ମାନିବା ପାଇଁ ସହମତି ଜଣାଇଥିଲେ। ଏହା ଗ୍ରାମର ସାମୁହିକ ଉନ୍ନତି ଓ ଅଧିକାର ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ କେଶଡିହା ପେଶା ଗ୍ରାମସଭାର ସଭାପତି ଭାବେ ସାଧୁ ଚରଣ କେଣ୍ଡାକେଲ ଓ ସମ୍ପାଦକ ଭାବେ ଘନ ସଏଙ୍କୁ ମନୋନୀତ କରାଯାଇଥିଲା। ସଭାର ଶେଷରେ ପାତର ବଦରା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରାଯାଇଥିଲା । ଗ୍ରାମସ୍ତରରେ ପେଶା ଆଇନ ସମ୍ପର୍କରେ ଏହିପରି ସଚେତନତା ସଭା ଆୟୋଜନ ହେବା ଫଳରେ ଲୋକମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅଧିକ ସଚେତନ ହେବେ ବୋଲି ଆଶା କରାଯାଉଛି।

## ସମାଜ ସେବା ପାଇଁ ଗଜପତିର ଡ଼କ୍ଟର ଆଲୋକ କୁମାର ବୋଷ ସମ୍ମାନିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲାର ସମାଜସେବୀ ଡ଼କ୍ଟର ଆଲୋକ କୁମାର ବୋଷଙ୍କୁ ଭୁବନେଶ୍ୱରରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଇଣ୍ଡିୟାନ୍ ମିଡିଆ କଂଗ୍ରେସ୍ (ଆଇଏମ୍‌ସି) ଆନକୂଲ୍ୟରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟ କ୍ରମରେ ଗଜପତିର ସମାଜସେବୀ ଡ଼କ୍ଟର ଆଲୋକ କୁମାର ବୋଷଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମାଜସେବା ପାଇଁ ସମ୍ମାନିତ କରାଯାଇଅଛି । ମୁଖ୍ୟ ଉପଦେଷ୍ଟା ରଜନୀ ସାମନ୍ତରାୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଯାଜପୁର ସାଂସଦ ଡକ୍ଟର ରବି ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣ ମାଧ୍ୟମର ପ୍ରତିନିଧିମାନଙ୍କ ଭୂମିକା, ଦାୟିତ୍ୱ ବୋଧ ଏବଂ ସାମ୍ବାଦିକତାର ମୂଲ୍ୟବୋଧ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଜିଲ୍ଲାପାଳଙ୍କ ଦ୍ୱାରା ମିଳିତ ଅଭିଯୋଗ ଶୁଣାଣି



ଜୟପୁର, (ମହାଭାରତ) : ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଆଜି କୋରାପୁଟ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୬୭ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯାହାରୁ ୧୧ଟି ଗୋଷ୍ଠୀଗତ ଓ ୫୬ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ମିଳିତ ଥିଲା। ଆର୍ଥିକ ସହାୟତା, ଘର ପଟ୍ଟା, ଜମି ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା, ରାସ୍ତା ଓ ଯାତାୟାତ, ବିଦ୍ୟୁତ ସରବରାହ ଏବଂ ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଶ୍ରୀ ମହାଜନ ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହିତ ଶୁଣି ସମ୍ବନ୍ଧିତ ବିଭାଗକୁ ଶୀଘ୍ର ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ପୁଲିସ୍ ଅଧକ୍ଷ ରୋହିତ ବର୍ମା, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କୋରାପୁଟ ବେଣୁଧର ସବର ଉପଜିଲ୍ଲାପାଳ ଜୟପୁର ଯଦୁମଣି ନାଏକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜୟପୁର ସୁଶ୍ରୀ ଅର୍ଚିତା ମିତ୍ତଲ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କୋରାପୁଟ ଡ. ରବୀନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ ପ୍ରଶାନ୍ତ କୁମାର ମହାନ୍ତି, ଗୋଷ୍ଠୀ ଶିକ୍ଷାଧିକାରୀ ଜୟପୁର ଚନ୍ଦନ ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଗୀତା ରାଣୀ ପାଣି, ଆଞ୍ଚଳିକ ପରିବହନ ଅଧିକାରୀ କୋରାପୁଟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଅଧିକାରୀ ଜୟପୁର ପ୍ରିୟରଞ୍ଜନ ବେହେରା ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ପିଏମଶ୍ରୀ ସରକାରୀ ହାଇସ୍କୁଲ ଜୁନାଗଡ଼ରେ ସମ୍ବର୍ଦ୍ଧନା ସଭା

ଜୁନାଗଡ଼, (ମହାଭାରତ) : ଚଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ୫୪୩ ମାର୍କ ସହିତ ଏ୧ ଗ୍ରେଡ଼ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ବସୁନ୍ଧରା ଶୁକ୍ଲା ଙ୍କ ସମ୍ମାନାର୍ଥେ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସାଂସ୍କୃତିକ ବିଭାଗର ନେତୃତ୍ୱରେ ପାରମ୍ପରିକ ଦେଶୀ ବାଜାର ତାଳେ ତାଳେ ଏ୧ ଛାତ୍ରୀ ବସୁନ୍ଧରା ଶୁକ୍ଲାଙ୍କୁ ବିଦ୍ୟାଳୟର ମୁଖ୍ୟ ଫାଟକରୁ ସଭା ସ୍ଥଳ ପର୍ଯ୍ୟନ୍ତ ଶୋଭା ଯାତ୍ରାରେ ଅଣାଗଲା। ପରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସମାଜସେବୀ ତଥା ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ, ପୁରାତନ ଛାତ୍ର ସଂଘ ସଭାପତି ସନ୍ତୋଷ କୁମାର ସିଂଦେଓ, ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ମାଝୀ, ପରିଚାଳନା କମିଟି ସଭ୍ୟା ତଥା କାଉନସିଲର ହିମାଦ୍ରୀ ସିନ୍ଦୁର, ବରିଷ୍ଠ ପ୍ରଧାନ ଶିକ୍ଷକ ତଥା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଙ୍ଘ ସମ୍ପାଦକ ବିଜୟ କୁମାର ପାଢ଼ୀ, ଅଭିଭାବକ ବାଲାଜୀ ଯାଦବ, ଉତ୍ତମ ଶୁକ୍ଲା, ବରିଷ୍ଠ ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ, ପୁର୍ଣ୍ଣେନ୍ଦୁ ମାଝୀ ପ୍ରମୁଖ ମଂଚାସୀନ ଥିଲେ। ପ୍ରାୟ କୋଡିଏ ବର୍ଷ ପରେ ଏ ପ୍ରକାର ସଫଳତା ଆସିଥିବାରୁ ଅତିଥିଗଣ ଆନନ୍ଦ ପ୍ରକାଶ କରିବା ସହିତ ଗୁରୁବୃନ୍ଦଙ୍କୁ ଅଭିନନ୍ଦନ ଜଣାଇଥିଲେ. ନିଜସ୍ୱ ପରିଶ୍ରମ, ପିତାମାତା ତଥା ଗୁରୁଜନଙ୍କ ଆଶୀର୍ବାଦ ଯୋଗୁଁ ସଫଳତା ପାଇଛି ବୋଲି ସମ୍ବର୍ଦ୍ଧିତ ଛାତ୍ରୀ ବସୁନ୍ଧରା ମତାମତ ଦେଇଥିଲେ। ଏ ଅବସରରେ ସର୍ବୋଚ୍ଚ ନମ୍ବର ରଖୁଥିବା ଛାତ୍ରଙ୍କୁ ପ୍ରତିବର୍ଷ ଦେଇଆସୁଥିବା ନଗଦ ପୁରସ୍କାର ପନ୍ଦର ହଜାର ଟଙ୍କା ଦୁର୍ଗା ପ୍ରସାଦ ନାଏକ ସଭାରେ ବସୁନ୍ଧରାଙ୍କୁ ପ୍ରଦାନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନ ପର୍ବକୁ ଏନ. ସି. ସି ଶିକ୍ଷକ ସଂଜୀବ ପଣ୍ଡା ସଂଯୋଜନା କରିଥିବା ବେଳେ ଶ୍ରେଣୀ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ମନୋଜ ନାଏକ, ବିଭୁ ଭୂଷଣ ପଣ୍ଡା, ଚୁମନଦାସ ନାଏକ, ଅଞ୍ଜନା ଶୁକ୍ଲଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଚାରି ରାଜ୍ୟରେ ବିଜେପି ଜିତିବା ପରେ ପାଳିତ ହେଲା ବିଜୟ ଉତ୍ସବ



ହାଟଡିହି, (ମହାଭାରତ) : ଚାରି ରାଜ୍ୟରେ ବିଯେପି ଜିତିବା ପରେ ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଛେନପଦୀ ତାରିଣୀ ମନ୍ଦିର ସମ୍ମୁଖ ରେ ପାଳିତ ହୋଇଛି ବିଜୟ ଉତ୍ସବ। ଏହି ବିଜୟ ଉତ୍ସବ ରେ ଆନନ୍ଦପୁର ବିଜେପି କାର୍ଯ୍ୟକର୍ତ୍ତା ମାନେ ପରସ୍ପର ମଧ୍ୟରେ ଭିତରେ ମିଠା ବଣ୍ଟନ କରି ବାଜା ବଜାଇ ରୋଷଣୀ କରି ନାଚ କରିଥିଲେ। ଏଥିରେ ବହୁ ବିଜେପି ନେତା ଓ ନେତ୍ରୀ ଯୋଗ ଦେଇଥିବା ବେଳେ ବିଜେପି ନେତା ଆଲୋକ କୁମାର ସେଠୀ ଓ ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ସାଂସଦ ପ୍ରତିନିଧିଙ୍କ ସହ ଅନ୍ୟ ପ୍ରତିନିଧି ମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ଜେନା, ଯୁଧିଷ୍ଠିର ମଲିକ, ହରମୋହନ ସାଶିନି, ମଣ୍ଡଳ ସଭାପତି ଦୀପକ ଜେନା, ମହିଳା ନେତ୍ରୀ ତୃପ୍ତି ମୟୀ ଜେନା, ଦୀପ୍ତି ଖୁଣ୍ଟିଆଙ୍କ ସହ ଯୁବ ମୋର୍ଚ୍ଚା ସାଧାରଣ ସଦସ୍ୟ ସଦସ୍ୟା ଯୋଗ ନାଚ କରି ବିଜୟ ଉତ୍ସବ ଆଡମ୍ବର ସହିତ ପାଳନ କରିଥିଲେ।

## ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ପାରାଦୀପ, (ମହାଭାରତ) : ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ପାରାଦୀପର ଯୁବ ସଂଗଠନ ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଶିବିର କୁ ଉଦଘାଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ପାରାଦୀପ ନଗର ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ଶିଳ୍ପମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଶିବିରରୁ ସର୍ବମୋଟ ୫୦ରୁ ଉର୍ଦ୍ଧ ୟୁନିଟ ବ୍ଲଡ଼ ସଂଗୃହିତ ହୋଇଥିଲା । ତେବେ କ୍ଲବର ସଭାପତି ଜଗନ୍ନାଥ ହାଲଦାରଙ୍କ ନେତୃତ୍ୱରେ ଆୟୋଜିତ ଏଭଳି ମହତ କାର୍ଯ୍ୟକୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ଉଚ୍ଚ ପ୍ରଶଂସା କରିଥିଲେ ।

# ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ




ପାରାଦୀପ/କୁଜଙ୍ଗ, (ମହାଭାରତ) : ପଙ୍କପାଳ ସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନବିକାଶ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାବାଜି ଚରଣ ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନ ରାଜ୍ୟ ସଭାପତି ଡ.ସତ୍ୟସ୍ୱରୂପ ପଟ୍ଟନାୟକ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଶ୍ରୀ ସତ୍ୟସାଇ ଟ୍ରଷ୍ଟର କନଭେନର ଅବସର ପ୍ରାପ୍ତ ଆଇ.ଏ.ଏସ ଅକ୍ଷୟ କୁମାର ପାଣି,ଟ୍ରଷ୍ଟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଅକ୍ଷୟ ଦାସ, ଶରତ ଚନ୍ଦ୍ର ମହାନ୍ତି, ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ, ସ୍ଥାନୀୟ ଶୁଭେଚ୍ଛୁ ଅତିଥି ଦିଲିପ ବେହେରା ଙ୍କ ସମେତ ସତ୍ୟସାଇ ସେବା ସଙ୍ଗଠନର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସତ୍ୟସାଇବାବାଙ୍କ ଦିବ୍ୟ ସନ୍ଦେଶ କାମନାର ସୀମାଙ୍କନ ପୂର୍ବକ ଜଳ,ଶକ୍ତି ଓ ଖାଦ୍ୟ ର ଅପଚୟ ନ କରିବାପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । ଜୀବନର ସ୍ୱପ୍ନକୁ ସାକାର କରିବାପାଇଁ ଲକ୍ଷ୍ୟ ରଖି ଆମେ ନିଃସାର୍ଥପର ଭାବେ କର୍ମ କରିବା ତେବେ ସଫଳତାର ଶେଷ ସୋପାନରେ ନିଶ୍ଚୟ ପହଞ୍ଚିପାରିବା ର ମାର୍ଗଦର୍ଶନ କରାଇଥିଲେ। ଛାତ୍ରୀ ଐଶ୍ୱର୍ଯ୍ୟା ପ୍ରିୟଦର୍ଶନୀ ଓ ଆଦ୍ୟାଶା ପ୍ରକାଶ ମହାରଣା କାର୍ଯ୍ୟକ୍ରମ ଗୁଡ଼ିକୁ ସଫଳତାର ସହ ପରିଚାଳନା କରିଥିଲେ । ଗତ ଦ୍ୱିତୀୟ ବିଶ୍ୱ ବେଦ ସମ୍ମିଳନୀ ପ୍ରଶାନ୍ତିନିଳୟମ ଠାରେ ସତ୍ୟସାଇ ବିଦ୍ୟାଳୟ ତରଫରୁ ମନୋନୀତ ହୋଇଥିବା ଛାତ୍ରୀମାନେ ଏକ ଦିବ୍ୟ ପରିବେଶ ମଧ୍ୟରେ ସମସ୍ତଙ୍କୁ ନିଜର କଳାକୃତି ନାଟେଶ୍ୱରୀ ଲାସ୍ୟା ପ୍ରଦର୍ଶନ କରି ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଜିଲ୍ଲା ପିଲାମାନଙ୍କୁ ଆଶୀର୍ବାଦ କରିବା ସହ ଟ୍ରଫି ପ୍ରଦାନ କରିଥିଲେ । ଶିକ୍ଷା ବର୍ଷ ୨୦୨୫ – ୨୬ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ସଫଳତା ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ରାଜ ରେହାନସ ସ୍ୱାଇଁ, ପରିଷ୍କାର ପରିଛନ୍ନତା ପାଇଁ ଅନଭେଶ ରାଉତ, ସମୟାନୁବର୍ତ୍ତିତକ୍ଷ ପାଇଁ ଐଶ୍ୱର୍ଯ୍ୟା ପ୍ରିୟଦର୍ଶନୀ, ଶୃଙ୍ଖଳା ପାଇଁ ସାଇଅଂଶ କଣ୍ଠ, ସର୍ବାଧିକ ଉପସ୍ଥାନ ପାଇଁ ଅଭିଲିପ୍ସା ଦାସ, ଶିକ୍ଷାକ୍ଷେତ୍ରରେ ସର୍ବୋଚ୍ଚ ଦକ୍ଷତା ପାଇଁ ଆଦ୍ୟାଶା ଦାଶ, ଶ୍ରେଷ୍ଠ ଅଭିନୟ ପାଇଁ ବିବ୍ୟାଂଶୁ ସିଂ, ଶ୍ରେଷ୍ଠ ନୃତ୍ୟ ପାଇଁ ଆଦ୍ୟାଶା ପ୍ରିୟଦର୍ଶନୀ ବେହେରା, ଶ୍ରେଷ୍ଠ ବକ୍ତୃତା ପାଇଁ ଦେବାଶିସ ଦାଶ, ଶ୍ରେଷ୍ଠ ଆଜ୍ଞାକାରୀ ଆଦ୍ୟାଶା ପ୍ରକାଶ ମହାରଣା, ଶ୍ରେଷ୍ଠ କଣ୍ଠଶିଳ୍ପୀ ବିଦିତ ମହାନ୍ତି, ଶ୍ରେଷ୍ଠ ସ୍ୱେଚ୍ଛକ୍ଷସେବୀ ପ୍ରିୟାଂଶୁ ଆର୍ଯ୍ୟନ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶ୍ରିୟାଂଶୁ ମଣ୍ଡଳଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକମାନଙ୍କର ନିରବଚ୍ଛିନ୍ନ ସେବା ଓ ଭଲ ପାଇବାପାଇଁ ଅତିଥିମାନେ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ପିଲାମାନଙ୍କଦ୍ୱାରା ସଂସ୍କାର ଧର୍ମୀ, ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭଗବାନଙ୍କ ମଙ୍ଗଳ ଆଳତୀ ପରେ ଉତ୍ସବକୁ ସାଙ୍ଗ କରାଯାଇଥିଲା।

## କାଜୁ ତୋଳିବାକୁ ଯାଇଥିଲା ବେଳେ ମହିଳାଙ୍କ ଜୀବନ ନେଇଗଲା ହାତୀ

ନୂଆଗାଁ, (ମହାଭାରତ) : ହାତୀ ଆକ୍ରମଣରେ ମହିଳା ମୃତ, ମୃତ ମହିଳା ଜଣଙ୍କ ହେଲେ ତିଳତମା ପ୍ରଧାନ (୪୫) ଏଭଳି ଅଭାବନୀୟ ଘଟଣା ଘଟିଛି ମହୀପୁର ବନାଞ୍ଚଳ ଗୁମି ସେକ୍ସନ ବରକୋଳା ଗାଁରେ।ସୂଚନା ମୁତାବକ ପ୍ରତିଦିନ ଗାଁର କିଛି ଲୋକଙ୍କ ସହ ସକାଳୁ ସକାଳୁ କାଜୁ ତୋଳିବା ପାଇଁ କାଜୁ ଜଙ୍ଗଲକୁ ଯାଉଥିବା ବେଳେ ଆଜି ମଧ୍ୟ ସକାଳୁ ଗାଁ ଲୋକଙ୍କ ସହିତ କାଜୁ ତୋଳିବା ପାଇଁ ଜଙ୍ଗଲକୁ ଯାଇଥିଲେ।କିନ୍ତୁ କାଜୁ ବଗିଚାଟି ଜଙ୍ଗଲ ପାଖ ହୋଇଥିବାରୁ ସେଠାରେ ହାତୀ ପଲ୍ହ ରହୁଥିଲେ।ଗାଁ ଲୋକେ ଜାଣିଲା ପରେ ହାତୀଙ୍କୁ ଘଉଡ଼ାଉଥିଲେ।କିଛି ଲୋକ କାଜୁ ତୋଳୁଥିବା ବେଳେ ଭୟରେ ଦୌଡ଼ି ଘରକୁ ପଳେଇ ଆସୁଥିଲେ। କିନ୍ତୁ ସେ ସମୟରେ ତିଳତମା ଘରକୁ ଆସିବା ପରିବର୍ତ୍ତେ ଜୀବନ ବିକଳେ ଜଙ୍ଗଲ ଆଡକୁ ଚାଲି ଯାଉଥିଲା। ସେତେବେଳେ ହାତୀ ପଲ୍ହ ବିପରୀତ ଜଙ୍ଗଲରୁ ପଳେଇ ଯାଉଥିବା ବେଳେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ହେବା ପରେ ତିଳତମାଙ୍କୁ, ହାତୀ ତା ଶୁଣ୍ଢରେ କଚାଡି ଦେଇଥିଲା ଘଟଣାସ୍ଥଳରେ ହିଁ ତାର ମୃତ୍ୟୁ ହୋଇଥିଲା ଏନେଇ ମହୀପୁର ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଅମ୍ରିତ କୁମାର ସାହୁ ଫୋନ ଯୋଗେ ପ୍ରତିକ୍ରିୟା ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ଗୁମି ବନପାଳ ପବିତ୍ର ପରିଡ଼ା ଓ ବନରକ୍ଷୀ ସମେତ ବାହାଡଝୋଲା ଫାଣ୍ଡି ଅଧିକାରୀ ପହଞ୍ଚି ଶବ ଅଟକ ରଖିବା ସହ ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।ପ୍ରାଥମିକ ସ୍ତରରେ ସୁଦ୍ଧିକ୍ରିୟା କରିବା ନିମନ୍ତେ ମୃତ ପରିବାରଙ୍କୁ ଅନୁକମ୍ପା ରାଶି ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ଏଥିସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ୯ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଶ୍ରୀ ସାହୁ ସୂଚନା ଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ସୁନୀଲ କାନ୍ତ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଆଦିବାସୀ ଉନ୍ନୟନ୍ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ କରିଥିଲେ। ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ



ଶୁଣାଣୀ ଶିବିରରେ ମୋଟ- ୭୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୬୨ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା -୧୧ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷ ରୁ ହିତ। ଧିକରିଙ୍କୁ ପେନସନ ବଣ୍ଟନ କରାଯାଇଥିଲା ସାମାଜିକ ସୁରକ୍ଷା, ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ। ଅଧିକାରୀଗଣ ବିଳମ୍ବରେ ଆସିଥିବାର ଦେଖିବାକୁ ମିଳିଛି। ତା ସହ ଗପସପ ଓ ମୋବାଇଲ ଦେଖିବାରେ ବ୍ୟସ୍ତ ରହିଥିବାର ଦେଖିବାକୁ ମିଳିଛି।

## ପାଣି ପାଇଁ ପମ୍ପ ହାଉସରେ ତାଲା

କପ୍ତିପଦା, (ମହାଭାରତ) : ଗ୍ରାମରେ ଅଛି ପାଣି ପମ୍ପ ହାଉସ। ପଡିଛି ପାଣି ପାଇପ। ହେଲେ ଗୋଟିଏ ୱାର୍ଡ଼କୁ ପାଣି ଯାଉଥିବା ବେଳେ ଅନ୍ୟ ୱାର୍ଡବାସି ପାଣି ବୁନ୍ଦାଏ ପାଉ ନାହାନ୍ତି। ଯାହାକୁ ନେଇ ତାତିଛନ୍ତି ୱାର୍ଡବାସି। କପ୍ତିପଦା ବ୍ଲକ ପେଡାଗଡି ଗ୍ରାମରେ ଥିବା ପାଣି ପମ୍ପ ହାଉସରେ ଗ୍ରାମବାସୀ ପକାଇଛନ୍ତି ତାଲା। ଆଉ ପମ୍ପ ହାଉସ ସମ୍ମୁଖରେ କରିଛନ୍ତି ବିକ୍ଷୋଭ। ଡହ ଡହ ଖରାରେ ଗ୍ରାମବାସୀମାନେ ପାନୀୟ ଜଳ ପାଇଁ କରିଛନ୍ତି ଏଭଳି ପ୍ରତିବାଦ। ବାରମ୍ବାର ଜନ ପ୍ରତିନିଧି ଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ସୁଦ୍ଧା କେହି ନ ଶୁଣିବାରୁ ଶେଷରେ ପାନୀୟ ଜଳ ପାଇଁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଥିବା ବେଳେ ଦାବି ପୂରଣ ନ ହେଲେ ଏବଂ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ପମ୍ପ ହାଉସରେ ତାଲା ଝୁଲି ରହିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ରଘୁନାଥଜୀୟୁ ଉଚ୍ଚବିଦ୍ୟାଳୟରେ ଅଧକ୍ଷାଙ୍କ ବିରୋଧରେ କର୍ମଚାରୀଙ୍କ ପ୍ରତିବାଦ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀୟୁ ଉଚ୍ଚବିଦ୍ୟାଳୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅଧକ୍ଷାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି କର୍ମଚାରୀମାନେ ବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ବସିଥିଲେ ଅନ୍ୟପଟେ ଉଚ୍ଚ ବିଦ୍ୟାଳୟ ର ଅଧକ୍ଷା ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇଥିଲେ । ଆନ୍ଦୋଳନରତ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ଅଧକ୍ଷା ସେମାନଙ୍କୁ ଦୀର୍ଘ ଦିନ ଧରି ମାନସିକ ଓ ବୃତ୍ତିଗତ ନିର୍ଯାତନା ଦେଇ ଆସୁଛନ୍ତି। ବିଶେଷ କରି କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉ ନଥିବା ବେଳେ ଅଧକ୍ଷା ନିଜେ ଗତ ଦୁଇ ବର୍ଷ ଧରି ଶ୍ରେଣୀ ଗୃହରେ ପାଠ ପଢ଼ାଉ ନଥିବା ସେମାନେ ଦର୍ଶାଇଛନ୍ତି। ଏହି ମନମୁଖୀ ଶାସନ ବିରୋଧରେ ଅତିଷ୍ଠ ହୋଇ ଆଜି ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି। ଉଚ୍ଚ ବିଦ୍ୟାଳୟ ର କର୍ମଚାରୀ ମାନେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ ଆଣିବା ପରେ ଗତ ଶନିବାର ଦିନ କର୍ମ ଚାରୀ ମାନେ ଆନ୍ଦୋଳନ କୁ ଓଲହାଇ ଥିଲେ କ୍ଷ ଏହି ପ୍ରସଙ୍ଗରେ ଅଧକ୍ଷା ନିଜର ପକ୍ଷ ରଖି କହିଛନ୍ତି ଯେ, କର୍ମଚାରୀମାନେ ତାଙ୍କ ସହ କୌଣସି ଆଲୋଚନା ନକରି ସିଧାସଳଖ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନକୁ ସେ 'ଆକ୍ରୋଶମୂଳକ' ବୋଲି କହିବା ସହ ବିଦ୍ୟାଳୟର ସୁନାମ ନଷ୍ଟ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମତ ଦେଇଥିଲେ । ପୂର୍ବରୁ କର୍ମଚାରୀମାନେ ଏ ନେଇ କୌଣସି ପ୍ରକାର ଆଲୋଚନା ପାଇଁ ପ୍ରସ୍ତାବ ଦେଇ ନଥିବା ସେ ପ୍ରକାଶ କରିଛନ୍ତି। ଉଭୟ ପକ୍ଷର ଟାଣାଓଟରା ମଧ୍ୟରେ ବିଦ୍ୟାଳୟର ଛାତ୍ର ଛକ୍ଷତ୍ରୀ ମାନଙ୍କ ପାଠପଢ଼ା ରେ ସମ୍ପୂର୍ଣ୍ଣ ରୂପେ ବ୍ୟାଘାତ ଘଟୁଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଅଛି । ଏହି ବିବାଦ ଯୋଗୁଁ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଉଚ୍ଚ ପଦାଧିକାରୀ କିମ୍ବା ଶିକ୍ଷା ବିଭାଗ ଏଥିରେ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଅଭିଭାବକ ମହଲରେ ଦାବୀ ହେଉଅଛି। ଯଦି ଏହାର ସମାଧାନ ଖୁ ଶୀଘ୍ର କରା ନଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।



## ପଶ୍ଚିମବଙ୍ଗରେ ବିଜେପିର ସଫଳତା ଗଣିଆ ମଣ୍ଡଳରେ ବିଜୟ ଉତ୍ସବ ପାଳିତ




ଗଣିଆ, (ମହାଭାରତ): ପଶ୍ଚିମବଙ୍ଗ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଚମତ୍କାର ପ୍ରଦର୍ଶନ ଓ ମହାବିଜୟକୁ ନେଇ ଏବେ ସବୁଠି ଉତ୍ସାହର ମାହୋଲ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ଗଣିଆ ମଣ୍ଡଳ ବିଜେପି ପକ୍ଷରୁ ସୋମବାର ଦିନ ଏକ ଭବ୍ୟ ବିଜୟ ଉତ୍ସବ ପାଳିତ ହୋଇଯାଇଥିଲା । ସ୍ଥାନୀୟ ମଣ୍ଡଳ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଚନ୍ଦ୍ରଶେଖର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ଗଣତନ୍ତ୍ରର ବିଜୟ ବୋଲି ଅଭିହିତ କରିଥିଲେ। ଏହି ଉତ୍ସବରେ କନ୍ଧମାଳ ସାଂସଦ ଙ୍କ ପ୍ରତିନିଧି ଚକ୍ରଧର ସେଠି,ଗଣିଆ ସରପଞ୍ଚ ଗିରିଧାରୀ ସେଠି, ପୂର୍ବତନ ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ସାହୁ ଏବଂ ମଣ୍ଡଳ ଉପସଭାପତି ବାଉରୀବନ୍ଧୁ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଉପସ୍ଥିତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ବାଣ ଫୁଟାଇ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ। ପଶ୍ଚିମବଙ୍ଗର ଏହି ସଫଳତା ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ନେତୃବୃନ୍ଦ ମାନେ ପ୍ରଧାନ ମନ୍ତ୍ରୀ ମୋଦି ଜୀ, ଗୃହ ରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ବିଜେପି ଜିନ୍ଦାବାଦ ରେ ନାରା ଦେଉ ବଜାର ପ୍ରକମ୍ପିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ବହୁ ସକ୍ରିୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ବିଜୟ ଉତ୍ସବ ମନାଇଥିଲେ।

## ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ : ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ବାଲିଚନ୍ଦ୍ରପୁର,୪/୫() ବଡ଼ଚଣା ଶିକ୍ଷାମଣ୍ଡଳ ଅଧିନ ବହୁ ପୁରାତନ ଚାରିନଙ୍ଗଳ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନେ କୃତିତ୍ୱ ଅର୍ଜନ କରିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟଟି ଜିଲ୍ଲାରେ ପୁରାତନ ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟରେ ମାତ୍ରାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରିଥାନ୍ତି। ଚାରିନଙ୍ଗଳ ଓ ନଳୀପୁର ଦୁଇ ଗୋଟି ପଂଚାୟତ ସିମାରେ ଅବସ୍ଥିତ ଏହି ବିଦ୍ୟାଳୟରେ ୭୦ ପ୍ରତିଶତ ଛାତ୍ରଛାତ୍ରୀ ନଳୀପୁର ପଂଚାୟତରୁ ଅଧ୍ୟୟନ କରୁଥିବା ବେଳେ ଚାରିନଙ୍ଗଳ ପଂଚାୟତରୁ ୩୦ ପ୍ରତିଶତ ପିଲାମାନେ ପାଠ ପଢୁଥିବା ଜଣାପଡ଼ିଛି। ତେବେ ଚଳିତ ମାଟ୍ରିକ ପରୀକ୍ଷାରେ ନଳୀପୁର ପଂଚାୟତର ସେକ୍ ମହମ୍ମଦ ଲୋକମାନ ଓ ନଜମା ବେଗମ୍‌ଙ୍କ ଝିଅ ରୋଷନୀ ଫିରଦୋସ ୬ ଶହ ନମ୍ବରରୁ ୫୪୨ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତିର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ମୋଟ ୧୫୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୪ ଜଣ ବିଭିନ୍ନ ଗ୍ରେଡ୍‌ରେ କୃତ କାର୍ଯ୍ୟ ହୋଇଥିବା ବେଳେ ଦୁଇ ଜଣ ପିଲା କମ୍ପାଟମେ□ାଲ ରଖିଥିବା ଜଣାପଡ଼ିଛି।

## ଗଜପତି ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ ହାର ଶତ ପ୍ରତିଶତ



ଗଜପତି,(ମହାଭାରତ): ଜିଲ୍ଲାରେ ଥିବା ୫ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ମଧ୍ୟରୁ ୩୫ ଜଣ ପିତୃମାତୃହୀନ ଶିଶୁ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ସମସ୍ତ ଶିଶୁ ଶତ ପ୍ରତିଶ୍ରତ କୃତକାର୍ଯ୍ୟ ହୋଇଛନ୍ତି , ପରୀକ୍ଷା ଦେଇଥିବା ଶିଶୁମାନଙ୍କ ମଧ୍ୟରୁ ଏ୨ = ୧, ବି୧ = ୭, ବି୨= ୧୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ଦଶମ ଶ୍ରେଣୀରେ ପଢୁଥିବା ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିୟୋଜନ କରାଯାଇଥିଲା। ମୋଟ ୩୫ ଜଣଙ୍କ ୧୮ ଜଣ ଝିଅ ଏବଂ ୧୭ ଜଣ ପୁଅ। ପ୍ରକାଶ ଥାଉକି, ମୋଟ ୩୫ ଜଣ ଶିଶୁଙ୍କ ମଧ୍ୟରୁ ସରକାରଙ୍କ ଦ୍ୱାରା ପାରଳାଖେମୁଣ୍ଡି ଠାରେ ପରିଚାଳିତ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନରୁ ସର୍ବମୋଟ ୧୪ ଜଣ ଶିଶୁ ପରୀକ୍ଷା ଦେଇଥିଲାବେଳେ ସମସ୍ତ ଶିଶୁ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଏ୨ = ୧, ବି୧ = ୭ , ବି୨ = ୧୨ ସଫଳ ହୋଇଛନ୍ତି। ଉକ୍ତ ଅନୁଷ୍ଠାନର ସଞ୍ଚାଳକ ମଣ୍ଡଳ ଶିଶୁ ମାନେ ପାଠ ପଢାରେ ଯେଭଳି ଭଲ ନମ୍ବର ରଖ ଉର୍ଣ୍ଣତି କରିବେ ତାହାର ସର୍ବଦା ସମୀକ୍ଷା କରିବା ସହ ଧ୍ୟାନ ଦେଉଥିଲେ । ଶିଶୁମାନଙ୍କର ପରିଶ୍ରମ ଓ ଏଭଳି କୃତକାର୍ଯ୍ୟ ହାସଲ କରିଥିବା ହେତୁ ସଞ୍ଚାଳକ ମଣ୍ଡଳ ସମସ୍ତ ଶିଶୁମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଗତକାଲି ଶିଶୁ କଲ୍ୟାଣ ସମିତିର ଅଧକ୍ଷ୍ୟ ଅମିୟ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଶିଶୁ ସୁରକ୍ଷା ଅଧିକାରୀ (ଅନୁଷ୍ଠାନିକ ଯତ୍ନ) ଡମ୍ବରୁଧର ବଳବନ୍ତ , ନିଶାନ ସାଲେମ ହୋମ୍ , ଗୁମ୍ମା ଓ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନକୁ ଗସ୍ତକରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଶିଶୁମାନଙ୍କୁ ମିଠା ବାଣ୍ଟି ଶୁଭେଚ୍ଛା ଜଣାଇଥିଲେ।

## ମହାବିନାୟ ପୀଠରେ ପର୍ଯ୍ୟଟକ ପାଇଁ ଦୋଳି ଲଗାଇଲେ ଇଂ.ଆଶୁତୋଷ

ବାଲିଚନ୍ଦ୍ରପୁର, (ମହାଭାରତ): ବଡ଼ଚଣା ବ୍ଲକ ଗୋପାଳପୁର ପଂଚାୟତ କଳାଶ୍ରୀ ଗ୍ରାମର ଦିବଂଗତ ବିଧାୟକ ମାନଗୋବିନ୍ଦ ସାମଲଙ୍କ ନାତି ଇଂ.ଆଶୁତୋଷ ସାମଲ ନିଜ ବାପା ପ୍ରସନ୍ନ କୁମାର ସାମଲଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରି ବଡ଼ଚଣା ଅଂଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଜାରିରଖିଛନ୍ତି। ଆଶୁତୋଷ ସୁଦୁର କାନାଡ଼ାରେ ଥାଇ ମଧ୍ୟ ନିଜ ମାଟି ମାଆକୁ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି। ବିଗତ ୫ ବର୍ଷ ହେବ ସେ ତାଙ୍କ ଟ୍ରଷ୍ଟ ମାଧ୍ୟମରେ ଅସହାୟକୁ ସହାୟତା ଓ ବୃକ୍ଷରୋପଣ ଏବଂ ଉନ୍ନତିମୂଳକ କାମରେ ବଡ଼ଚଣାର ବିଭିନ୍ନ ସମାଜିକ ସଂଗଠନ ମାନଙ୍କୁ ସହାୟତା ପ୍ରଦାନ କରିଆସୁଛନ୍ତି। କାନାଡ଼ାରେ ଥାଇ ସେ ବଡ଼ଚଣା ବାସୀଙ୍କ ସୁରକ୍ଷା ଚିନ୍ତାକରି ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନମାନ ଚିହ୍ନଟ କରି ପ୍ରାୟ ୮୦ ଗୋଟି ଟ୍ରାଫିକ୍ କଣ୍ଟ୍ରୋଲ ମିରର ଲଗାଇସାରିଛନ୍ତି। ମିରର ଲଗା କାର୍ଯ୍ୟକ୍ରମ ଜାରିରହିଥିବା ବେଳେ ବଡ଼ଚଣାର ବିଭିନ୍ନ ପର୍ଯ୍ୟଟନ ସ୍ଥଳିମାନଙ୍କରେ ଏବେ ଆଉ ଏକ ପୟାସ ଆରମ୍ଭ କରିଛନ୍ତି। ନିକଟ ଅତିତରେ ପଳେଇ ପଂଚାୟତ ଲଙ୍ଗୁଳି ମଠ ବାବାଙ୍କ ଦେହାବସାନ ପରେ ତାଙ୍କ ସମାଧି ପ୍ରତିଷ୍ଠା ଉତ୍ସବରେ ଏକ ଝୁଲଣ ଦୋଳି ଲଗାଯାଇଥିବା ବେଳେ ପ୍ରସିଦ୍ଧ ମହାବିନାୟକ ଶୈବ ପୀଠକୁ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି କୁନି କୁନି ପିଲାମାନଙ୍କ ପାଇଁ ଏକ ଝୁଲଣ ଦୋଳିର ସ୍ଥାପନା କରିଛନ୍ତି। ଦୋଳି ସ୍ଥାପନା ପରେ ସମାଜସେବୀ ଅଶୋକ ସାମଲ ଫିତାକାଟି ଆନୁଷ୍ଠାନିକ ଭାବେ ତାହାକୁ ଉଦଘାଟନ କରି ଆଶୁତୋଷଙ୍କ ଏଭଳି କାର୍ଯ୍ୟକୁ ଭୁୟଂସି ପ୍ରଶଂସା କରିବା ସହ ଏହାର ପର୍ଯ୍ୟଟକ ମାନେ ଭରପୁର ମଜା ନେଇପାରିବେ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଶୁତୋଷଙ୍କ ଭାଇ ଇଂ.ପ୍ରିୟବ୍ରତ ସାମଲ, ଶିବ ପ୍ରସାଦ ସାମଲ, ବିମଳଲୋଚନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ବାଲ୍ୟବିବାହ ରୋକିଲେ ଚାଇଲଡ଼ ହେଲ୍ପ ଲାଇନ



ଗଜପତି, (ମହାଭାରତ): ଚାଇଲଡ଼ ହେଲ୍ପ ଲାଇନର ଟୋଲ ଫ୍ରେ ନମ୍ବର ୧୦୯୮ କୁ କଲ ଆସିଲା ଯେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିଡା ଗ୍ରାମପଞ୍ଚାୟତର ଗୋଟିଏ ବାଲ୍ୟ ବିବାହ ହେବାକୁ ଯାଉଅଛି ଏହି ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାକରିବା ସଙ୍ଗେ ସଙ୍ଗେ ଏକ ଦଳ ଗଠନ କରାଗଲା। ଗୁମ୍ମା ବ୍ଲକ ର ଆସିଡିଏସର ସିଡିପିଓ,, ଡିସିପିୟୁର ସଦସ୍ୟ ଚାଇଲଡ଼ ହେଲ୍ପ ଲାଇନର କେଶ ୱର୍କର , ସଖୀ କେନ୍ଦ୍ରର ସଦସ୍ୟା, ଆଭା ଘଏଙ୍ଗ ସଦସ୍ୟା , ସେରଙ୍ଗ ଥାନା ଅଧିନରେ ଥିବା ଗାଇବା ଫାଣ୍ଡିର ପୋଲିସ ଙ୍କ ସହ ମିଶି ଏକ ଦଳ ଗଠନ କରି ଉକ୍ତ ବିବାହ ହୋଉଥିବା ସ୍ଥାନରେ ପହଁଞ୍ଚିଲେ। ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲୁ ଯେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ଆସିଥିବା ପୂରହିତ ଝିଅର ବିବାହର ପ୍ରକୃତ ବୟସ ହୋଇନି ବୋଲି ଜାଣି ବିବାହ ନକରି ବିବାହ ମଣ୍ଡପରୁ ଟିମ ଆସିବା ପୂର୍ବରୁ ପଳାୟନ କରିଥିଲେ ବାଲ୍ୟ ବିବାହକୁ ଜିଲ୍ଲା ପ୍ରଶାସନ ତରଫରୁ ରକାଯାଇଥିଲା। ବାଲ୍ୟ ବିବାହର ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ ଜଣାଇଥିଲେ ଝିଅଟିର ବୟସ ୧୭ ବର୍ଷ ୯ମାସ ହୋଇଥିବାରୁ ଝିଅଟି କୁ ବିବାହ ସ୍ଥାନରୁ ଉଦ୍ଧାର କରି ଶିଶୁ କଲ୍ୟଣ ସମିତି ଗଜପତିରେ ଉପସ୍ଥାପନ କରାଯାଇଥିଲା ଶିଶୁ କଲ୍ୟାଣ ସମିତି ଗଜପତି ଶିଶୁ ଓ ତାଙ୍କ ପରିବାର ସଦସ୍ୟଠାରୁ ସମସ୍ତ ବିଷୟ ପଚାରି ବୁଝି ଥିଲେ । ପରେ ଶିଶୁ ଓ ତାଙ୍କ ପିତାମାତାଙ୍କୁ ବାଲ୍ୟ ବିବାହ ଏକ ଅପରାଧ ବିଷୟରେ ବୁଝାଇଥିଲେ ଅର୍ଥାତ ଝିଅର ବୟସ ୧୮ ଓ ପୁଅର ବୟସ ୨୧ ବର୍ଷ ବିବାହ ପାଇଁ ଉପଯୁକ୍ତ ବୟସ ଅଟେ ବୋଲି ଜଣାଇଥିଲେ । ପରିବାର ସଦସ୍ୟ ଏ ବିଷୟରେ ବୁଝିବା ପରେ ପରିବାର ସଦସ୍ୟ ଶିଶୁର ୧୮ ବର୍ଷ ପୂର୍ବରୁ ବିବାହ ଦେବେ ନାହି ବୋଲି ଲିଖିତ ଭାବରେ ଜଣାଇବା ପରେ ଶିଶୁଙ୍କୁ ତାଙ୍କର ମାତାଙ୍କୁ ହସ୍ତାନ୍ତର କରିଥିଲେ ।

## ଚଣ୍ଡିତଳ ଗ୍ରାମ ପଞ୍ଚାୟତ ବିଜେଡି କର୍ମି ସମ୍ମିଳନୀ

ଚଣ୍ଡିଖୋଲ, (ମହାଭାରତ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଭୂଷଣ୍ଡପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୂଷଣ୍ଡପୁର ପଡିଆ ଠାରେ ଗତକାଲି ବିଜେଡ଼ି ପକ୍ଷରୁ ଭୂଷଣ୍ଡପୁର ଗ୍ରାମ ପଞ୍ଚାୟତ ସ୍ତରୀୟ ଏକ ସାଙ୍ଗଠନିକ କର୍ମୀ ସମ୍ମିଳନୀ ପଞ୍ଚାୟତ ସଭାପତି ପ୍ରଭାକର ସାମଲଙ୍କ ସଭାପତିତ୍ୱରେ ଓ ସମିତି ସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ର ଓ ବିଶେଷ ଅତିଥି ଭାବରେ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷ ପ୍ରଲ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ,ବ୍ଲକ୍ ବିଜେଡି ସଭାପତି




ତାପସ କୁମାର ରାୟ,ଜିଲ୍ଲା ବିଜେଡି ଉପ ସଭାପତି ତଥା କୋଲଣଗିରି ସରପଞ୍ଚ ଜ୍ଞାନରଞ୍ଜନ ସାହୁ,ନେଳିଆ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ତଥା ବ୍ଲକ୍ ବିଜେଡି ସମ୍ପାଦକ ଧନେଶ୍ୱର ବେହେରା,ସଞ୍ଜୟ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ଗୋଲକଚନ୍ଦ୍ର ବରାଳ, ବିବେକ ରଞ୍ଜନ ସୁବୁଦ୍ଧି, ଦିଲିପ୍ କୁମାର ସାମଲ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ଏବେ ସୁଦ୍ଧା ରାଜ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି ।ତୃଣମୂଳ ସ୍ତରରୁ ବିଜେଡିକୁ ସଶକ୍ତ କରି ଲୋକଙ୍କ ସମସ୍ୟା ଉପରେ ବିଶେଷ ଭାବରେ ଧ୍ୟାନ ଦେଇ ସମାଧାନ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଭୂଷଣ୍ଡପୁର ପଞ୍ଚାୟତର ବିଜେଡି ଯୁବନେତା ଜୟନ୍ତ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୟନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ପ୍ରତିଭା ମନୋଜ କୁମାର ମାହାଲାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ଏହି କର୍ମୀ ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରାକ୍ତନ ସମିତି ସଭ୍ୟା ପାର୍ବତୀ ସେଠୀ, ନାୟବ ସରପଞ୍ଚ ରଶ୍ମିତା ବରାଳ,ପିତୃ ପ୍ରତିମ ଗୋଲକ ଦାସ୍, ବିଷ୍ଣୁ ଚରଣ ମୁଡ଼ିଲି, ଅଭିମନ୍ୟୁ ରାଉଳ, ନାରାୟଣ ମାହାଲା, ପ୍ରଦୀପ କୁମାର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ ।ଏହି ସମ୍ମିଳନୀରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ବିଳାସପୂର୍ଣ୍ଣ କ୍ରୁଜ୍ ଜାହାଜରେ ବିପଦଜନକ ହଣ୍ଟାଭାଇରସ୍ ବ୍ୟାପିଲା: ୩ ମୃତ




ନୂଆଦିଲ୍ଲୀ : ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଦକ୍ଷିଣ ଆଫ୍ରିକାର ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ କରିଛନ୍ତି ଯେ, ଆଟଲାଣ୍ଟିକ୍ ମହାସାଗରରେ ଏକ କ୍ରୁଜ୍ ଜାହାଜରେ ହଣ୍ଟାଭାଇରସ୍ ସଂକ୍ରମଣର ସନ୍ଦେହଜନକ ପ୍ରକୋପ ଯୋଗୁଁ ତିନି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ବୃଦ୍ଧ ବିବାହିତ ଦମ୍ପତି ମଧ୍ୟ ଅଛନ୍ତି। ଅନ୍ୟ ତିନି ଜଣ ଅସୁସ୍ଥ ହୋଇଥିବା ମଧ୍ୟ ରିପୋର୍ଟ ହୋଇଛି। ଆସୋସିଏଟେଡ୍ ପ୍ରେସ୍‌କୁ ଦିଆଯାଇଥିବା ଏକ ବିବୃତିରେ ଡବ୍ଲ୍ୟୁଏଚ୍‌ଓ କହିଛି ଯେ ଏହି ମାମଲା ତଦନ୍ତାଧୀନ ଅଛି କିନ୍ତୁ ହଣ୍ଟାଭାଇରସ୍‌ର ଗୋଟିଏ ମାମଲା ନିଶ୍ଚିତ ହୋଇଛି। ଡବ୍ଲ୍ୟୁଏଚ୍‌ଓ କହିଛି ଯେ ରୋଗୀଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାର ଏକ ହସ୍ପିଟାଲରେ ଇଣ୍ଟେନସିଭ୍ କେୟାରରେ ଅଛନ୍ତି ଏବଂ ଏହି ସଂସ୍ଥା ଜାହାଜରୁ ଲକ୍ଷଣ ଥିବା ଅନ୍ୟ ଦୁଇ ଯାତ୍ରୀଙ୍କୁ ବାହାର କରିବା ପାଇଁ କର୍ତ୍ତୃପକ୍ଷଙ୍କ ସହ କାମ କରୁଛି। ହଣ୍ଟାଭାଇରସ୍ ସାରା ବିଶ୍ୱରେ ଦେଖାଯାଏ। ମୂଷା ଏବଂ ଗୁଣ୍ଡୁଚି ମୂଷାଙ୍କ ମୂତ୍ର କିମ୍ବା ମଳ ସହିତ ସଂସ୍ପର୍ଶରେ ଆସିଲେ ଏହା ବ୍ୟାପିଥାଏ। ଗତ ବର୍ଷ ହଲିଉଡ୍ ଅଭିନେତା ଜିନ୍ ହାକମ୍ୟାନଙ୍କ ପତ୍ନୀ ବେଟସି ଆରାକାୱା ନ୍ୟୁ ମେକ୍ସିକୋରେ ସଂକ୍ରମଣରୁ ମୃତ୍ୟୁବରଣ କରିବା ପରେ ଏହି ଭାଇରସ୍ ସାଧାରଣ ଦୃଷ୍ଟି ଆକର୍ଷଣ କରିଥିଲା। ହଣ୍ଟାଭାଇରସ୍ ପ୍ରକୋପ ଏକ ଡଚ୍ କ୍ରୁଜ୍ ଜାହାଜ, ଏମ୍‌ଭି ହୋଣ୍ଡିୟସ୍‌ରେ ଘଟିଥିଲା। ନେଦରଲାଣ୍ଡ-ଭିତ୍ତିକ ଓସନୱାଇଡ୍ ଏକ୍ସପିଡିସନ୍ସ ଏକ ପ୍ରେସ୍ ରିଲିଜରେ କହିଛି ଯେ ଏହା ଏହାର ପୋଲାର ଅଭିଯାନ ଜାହାଜ,ଏମ୍ ?ଭି ହୋଣ୍ଡିୟସ୍ ?ରେ ଏକ ଗମ୍ଭୀର ଚିକିତ୍ସା ପରିସ୍ଥିତି ପରିଚାଳନା କରୁଛି। ଜାହାଜଟି ବର୍ତ୍ତମାନ ଆଫ୍ରିକାର ପଶ୍ଚିମ ଆଟଲାଣ୍ଟିକ୍ ମହାସାଗରରେ ଅବସ୍ଥିତ ଏକ ଦ୍ୱୀପ ରାଷ୍ଟ୍ର କେପ୍ ଭର୍ଦେ ନିକଟରେ ରହିଛି। ମିଡିଆ ରିପୋର୍ଟ ଅନୁସାରେ, ପ୍ରାୟ ତିନି ସପ୍ତାହ ପୂର୍ବରୁ କ୍ରୁଜ୍ ପ୍ରାୟ ୧୫୦ ଜଣ ଯାତ୍ରୀଙ୍କୁ ନେଇ ଆର୍ଜେଣ୍ଟିନାରୁ ଯାତ୍ରା କରିଥିଲା। କେପ୍ ଭର୍ଦେ ଯିବା ବାଟରେ, ଏହା ଆଣ୍ଟାର୍କଟିକା ଏବଂ ଅନ୍ୟାନ୍ୟ ସ୍ଥାନରେ ଅଟକିଥିଲା। ଡଚ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର ଦୁଇ ଡଚ୍ ଯାତ୍ରୀଙ୍କ ମୃତ୍ୟୁର ନିଶ୍ଚିତ କରିଛନ୍ତି କିନ୍ତୁ ଅଧିକ ବିବରଣୀ ପ୍ରଦାନ କରିନାହାଁନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛି ଯେ, ଅସୁସ୍ଥ ଯାତ୍ରୀଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାରେ ଇଣ୍ଟେନସିଭ୍ କେୟାରରେ ଅଛନ୍ତି। ସ୍କାଇ ନ୍ୟୁଜ୍ ଦକ୍ଷିଣ ଆଫ୍ରିକାର ସ୍ୱାସ୍ଥ୍ୟ ବିଭାଗକୁ ଉଦ୍ଧୃତ କରି କହିଛି ଯେ ଯାତ୍ରୀ ଜଣକ ଜଣେ ବ୍ରିଟିଶ ନାଗରିକ। ଓସନୱାଇଡ୍ ଏକ୍ସପିଡିସନ୍ସ ରିପୋର୍ଟ କରିଛି ଯେ କେପ୍ ଭର୍ଡିଆନ୍ କର୍ତ୍ତୃପକ୍ଷ ଚିକିତ୍ସା ସେବା ଆବଶ୍ୟକ କରୁଥିବା ଯାତ୍ରୀମାନଙ୍କୁ ଓହ୍ଲାଇବାକୁ ଅନୁମତି ଦେଇ ନାହାନ୍ତି। ଡଚ୍ କର୍ତ୍ତୃପକ୍ଷ ଦୁଇ ଅସୁସ୍ଥ ଯାତ୍ରୀ ଏବଂ ମୃତ ଯାତ୍ରୀଙ୍କ ଶରୀରକୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ଡବ୍ଲ୍ୟୁଏଚ୍‌ଓ କହିଛି, ହଣ୍ଟାଭାଇରସ୍ ଗୁରୁତର ଶ୍ୱାସକ୍ରିୟା ରୋଗ ସୃଷ୍ଟି କରିପାରେ। ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର ଅନୁଯାୟୀ, ଏହି ଭାଇରସ୍ ଫୁସଫୁସରେ ହଣ୍ଟାଭାଇରସ୍ ପଲ୍ମୋନାରୀ ସିଣ୍ଡ୍ରୋମ୍ ନାମକ ଏକ ଗମ୍ଭୀର ଏବଂ କେତେକ ସମୟରେ ଘାତକ ସଂକ୍ରମଣ ସୃଷ୍ଟି କରିଥାଏ। ଡବ୍ଲ୍ୟୁଏଚ୍‌ଓ କହିଛି, ଯଦିଓ ଏହା ବିରଳ, ତେବେ ହଣ୍ଟାଭାଇରସ୍ ସଂକ୍ରମଣ ଲୋକଙ୍କ ମଧ୍ୟରେ ବ୍ୟାପିପାରେ। ହଣ୍ଟାଭାଇରସ୍ ଜଣେ ବ୍ୟକ୍ତିରୁ ଅନ୍ୟ ବ୍ୟକ୍ତିକୁ ବ୍ୟାପି ନାହିଁ। ଯଦି ସଂକ୍ରମିତ ମୂଷାର ମଳ, ମୂତ୍ର କିମ୍ବା ଲାଳ ଶୁଖିଯାଏ ଏବଂ ଧୂଳିରେ ମିଶିଯାଏ, ତେବେ ଏହା ନିଶ୍ୱାସ ମାଧ୍ୟମରେ ମଣିଷର ଫୁସଫୁସ୍‌ରେ ପହଞ୍ଚିପାରେ। ହଣ୍ଟାଭାଇରସକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ କାରଣ ଏହାର ମୃତ୍ୟୁ ହାର ୩୮% ରୁ ୪୦% । ଏହା ଫୁସଫୁସ୍‌ରେ ତରଳ ପଦାର୍ଥ ଭର୍ତ୍ତି କରିଦିଏ, ଯାହାଦ୍ୱାରା ନିଶ୍ୱାସ ନେବା ପ୍ରାୟ ଅସମ୍ଭବ ହୋଇଯାଏ । ସଂକ୍ରମଣର ଗୋଟିଏ ରୁ ଆଠ ସପ୍ତାହ ମଧ୍ୟରେ ଲକ୍ଷଣ ଦେଖାଯାଏ । ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଉଚ୍ଚ ଜ୍ୱର, ମାଂସପେଶୀ ଯନ୍ତ୍ରଣା, ଥକ୍କାପଣ, ମୁଣ୍ଡ ବିନ୍ଧା ଏବଂ ମୁଣ୍ଡ ବୁଲାଇବା ଆଦି ହୋଇଥାଏ।

# ତାମିଲନାଡୁ ରାଜନୀତିରେ ବଡ଼ ପରିବର୍ତ୍ତନ 'ଥଲାପତି' ରାଜନୀତିରେ ହାସଲ କଲେ ବିଜୟ

ଚେନ୍ନାଇ: ତାମିଲନାଡୁ ରାଜନୀତିରେ ପୁଣି ଥରେ ଏକ ବଡ଼ ପରିବର୍ତ୍ତନ ଘଟିଛି। ଥଲାପତି ଭାବରେ ଜଣାଶୁଣା ସୁପରଷ୍ଟାର ବିଜୟ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ଇତିହାସ ରଚିଛନ୍ତି। ତାଙ୍କ ଦଳ, ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ଏହାର ପ୍ରଥମ ନିର୍ବାଚନୀ ଲଢ଼େଇରେ ଝଡ଼ ସୃଷ୍ଟି କରିଛି। ଟିଭିକେ ୧୦୯ ଆସନରେ ଆଗୁଆଥିବାବେଳେ ଏଆଇଏଡିଏମ୍‌କେ ୬୫, ଡିଏମ୍‌କେ ୬୦ ଆସନରେ ଆଗୁଆ ରହିଛନ୍ତି। ଥଲାପତି ବିଜୟ ତାଙ୍କର ପ୍ରଥମ ନିର୍ବାଚନରେ ନିର୍ବାଚନୀ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରିଛନ୍ତି। ଥଲାପତି ବିଜୟଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ପଛରେ ଏକ ସ୍ପଷ୍ଟ ରଣନୀତି ଅଛି, ଯାହା ସେ ସମ୍ଭବତଃ ଏମ୍.ଜି. ରାମଚନ୍ଦ୍ରନ୍ ଏବଂ ଜୟଲଳିତାଙ୍କଠାରୁ ଶିଖିଥିଲେ, ଯେଉଁମାନେ ଚଳଚ୍ଚିତ୍ର ଜଗତରୁ ରାଜନୀତିରେ ପ୍ରମୁଖ



ବ୍ୟକ୍ତିତ୍ୱ ପାଲଟିଥିଲେ। ବିଜୟ କମଲ ହାସନ ଯେଉଁ ଭୁଲ୍ ଗୁଡ଼ିକ ପାଇଁ ବିଫଳ ହୋଇଥିଲେ ତାହା ପୁନରାବୃତ୍ତି କରିନଥିଲେ।

ଏମ.ଜି. ରାମଚନ୍ଦ୍ରନ ଏବଂ ଜୟଲଳିତାଙ୍କ ଅତ୍ୟନ୍ତ ସଫଳ ରାଜନୈତିକ କ୍ୟାରିୟରଠାରୁ କମଲ ହାସନ, ଖୁସ୍ବୁ ଏବଂ ବିଜୟକାନ୍ତଙ୍କ ରାଜନୀତି ରାଜ୍ୟରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଥିଲା। ଏମ.ଜି.ଆର. ଏବଂ ଜୟଲଳିତା ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ। ବର୍ତ୍ତମାନ, ବିଜୟ ତାଙ୍କ ଭାଗ୍ୟକୁ ବାଜିରେ ଲଗାଇ ପ୍ରଥମ ପ୍ରୟାସରେ ଏକ ବିଶାଳ ବିଜୟ ପାଇଛନ୍ତି।

ବିଜୟ ୨୦୨୪ ମସିହାରେ ତାଙ୍କର ରାଜନୈତିକ ଦଳ ତାମିଲାଗା ଭେଟ୍ରି କାଝାଗମ ଆରମ୍ଭ କରିଥିଲେ ଏବଂ ସେହି ସମୟରେ ଘୋଷଣା କରିଥିଲେ ଯେ ସେ ଚଳଚ୍ଚିତ୍ରରୁ ଅବସର ନେଇ କେବଳ ରାଜନୀତିରେ ଧ୍ୟାନ ଦେବେ। ବିଜୟଙ୍କ ଅନୁସାରେ, ତାଙ୍କର ଶେଷ ଚଳଚ୍ଚିତ୍ର ଜନ ନାୟକନ ହେବ, ଯାହା ଜାନୁଆରିରେ ମୁକ୍ତିଲାଭ କରିବାର ଯୋଜନା ଥିଲା କିନ୍ତୁ କୋର୍ଟ ମାମଲା ଯୋଗୁଁ ଏପର୍ଯ୍ୟନ୍ତ ମୁକ୍ତିଲାଭ ହୋଇନାହିଁ। ବିଜୟ ଚଳଚ୍ଚିତ୍ର ଶିଳ୍ପ ଛାଡିବା ପଛରେ ତାଙ୍କର କାରଣ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ ରାଜନୀତି ଅଧା ହୃଦୟରେ କରାଯିବା ଉଚିତ ନୁହେଁ। ସେ କହିଥିଲେ, ତାମିଲନାଡୁର ଭୋଟରମାନେ ସମ୍ପୂର୍ଣ୍ଣ ସମର୍ପଣ ପାଇବା ଉଚିତ। ଏବଂ ରାଜ୍ୟର ରାଜନୈତିକ ଇତିହାସ ଏହା ପ୍ରମାଣିତ କରିଛି ମଧ୍ୟ। ରାଜନୀତିକୁ ଆସିବା ପୂର୍ବରୁ ଏମ୍ ?ଜିଆର୍ ? ଏବଂ ଜୟଲଳିତା ସକ୍ରିୟ ଚଳଚ୍ଚିତ୍ର ଛାଡ଼ି ଦେଇଥିଲେ। କିନ୍ତୁ କମଲ ହାସନଙ୍କ ଆଭିମୁଖ୍ୟ ଅଲଗା ଥିଲା। ଏକକାଳୀନ ଚଳଚ୍ଚିତ୍ର ଏବଂ ରାଜନୀତି ଉଭୟରେ ସକ୍ରିୟ ରହିବା ଯୋଗୁଁ ସେ ନିର୍ବାଚନରେ ସଫଳତା ହାସଲ କରିପାରିନଥିଲେ।

## ପଶ୍ଚିମବଙ୍ଗରେ ଫୁଟିଲା ପଦ୍ମ

କୋଲକତା : ପଶ୍ଚିମବଙ୍ଗ ରାଜନୀତିରେ ବିଜେପିର ଐତିହାସିକ ବିଜୟ । କଡ଼ା ମୁକାବିଲାରେ ଶାସକ ଟିଏମସି ୮୩ ଆସନରେ ବିଜୟୀ ହେବାକୁ ସକ୍ଷମ ହୋଇଛି । ବିଜେପି ୨୦୪ ଆସନ ହାତେଇବାରେ ସକ୍ଷମ ହୋଇଛି । ପ୍ରଥମ ଥର ପାଇଁ ବଙ୍ଗରେ ବିଜେପି ସରକାର ଗଠନ କରିବାକୁ ଯାଉଥିବାରୁ ଦଳୀୟ ଶିବିର ଉତ୍ସବ ମୁଖର । ୧୫ ବର୍ଷ ପରେ କ୍ଷମତା ପରିବର୍ତ୍ତନ । ପଶ୍ଚିମବଙ୍ଗରେ ପ୍ରଥମ ଥର ଫୁଟିଲା ପଦ୍ମ। ୨୯୪ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୨୦୪ ଆସନରେ ଆଗୁଆ ରହିଛି। ମ୍ୟାଜିକ ନମ୍ବର ୧୪୮କୁ ସହଜରେ ଅତିକ୍ରମ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ସରକାର ଗଠନ କରିବାକୁ ଯାଉଛି । ଟିଏମସି ୮୩ ଆସନ ହାତେଇବାକୁ ସକ୍ଷମ ହୋଇଛି । ପ୍ରାୟ ଦେଢ ଦଶନ୍ଧି ପରେ ଦିଦିଙ୍କୁ ଶକ୍ତ ଧକ୍କା ଲାଗିଛି । ଭବାନୀପୁର ଆସନରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଗରେ ରହିଛନ୍ତି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଭବାନୀପୁରେ ପଛୁଆ ରହିଥିବା ବେଳେ ନନ୍ଦିଗ୍ରାମରେ ଆଗରେ ରହିଛନ୍ତି ।

## ଗୋଟିଏ ପୋଷ୍ଟରରେ ପାକିସ୍ତାନୀ ସେନା ଅଧିକାରୀ ଏବଂ ଲସ୍କର ଆତଙ୍କବାଦୀ

ନୂଆଦିଲ୍ଲୀ : ମେ' ୧୦ ତାରିଖରେ ପାକିସ୍ତାନରେ ଏକ ଉତ୍ସବ ପାଳନ ପାଇଁ ଅଜବ ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରର ଗୋଟିଏ ବର୍ଷ ପୂରଣ ଅବସରରେ ସେଠାକାର ହତାଶ ସେନା ଦ୍ୱାରା ଖୋଲାଖୋଲି ଭାବରେ ଏହି ଆଶ୍ଚର୍ଯ୍ୟଜନକ ଉତ୍ସବ ଆୟୋଜନ କରାଯାଉଛି। ପାକିସ୍ତାନୀ ସେନା ମୁଖ୍ୟ ଆସିଫ୍ ମୁନିର ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମିଳିତ ଭାବରେ ଏହି ବିଜୟ ଉତ୍ସବ ଘୋଷଣା କରିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ପାକିସ୍ତାନ ସରକାର ନିଜର ପରାଜୟକୁ ଲୁଚାଇବା ପାଇଁ ଦେଶର ଲୋକଙ୍କୁ ଭ୍ରମିତ କରୁଛନ୍ତି। ଏହି ଘଟଣାର ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ବିପଦପୂର୍ଣ୍ଣ ଦିଗ ହେଉଛି ଯେ ଆତଙ୍କବାଦୀମାନଙ୍କୁ ଉତ୍ସବର ନିମନ୍ତ୍ରଣ ଦିଆଯାଇଛି। ଲସ୍କର-ଏ-ତୈବା ଭଳି କୁଖ୍ୟାତ ଆତଙ୍କବାଦୀ ସଂଗଠନର ସଦସ୍ୟମାନେ ଏବେ ଖୋଲାଖୋଲି ଭାବରେ ଉତ୍ସବ ପାଳନ ପାଇଁ ପାକିସ୍ତାନରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ଘଟଣାରେ ଏକ ନୂତନ ବିବାଦୀୟ ପୋଷ୍ଟର ସାମ୍ନାକୁ ଆସିଛି, ଯାହା ଆତଙ୍କୀସ୍ତାନ ପାକିସ୍ତାନର ମୁଖା ଖୋଲି ଦେଇଛି। ଏହି ପୋଷ୍ଟର ପାକିସ୍ତାନୀ ସେନା ଏବଂ ଲସ୍କର ଆତଙ୍କବାଦୀଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରକାଶ କରିଛି। ମେ' ୧୦ ତାରିଖ ଦିନ ଉତ୍ସବ ପାଳନ କରାଯିବା ସମ୍ପର୍କରେ ଘୋଷଣା କରିବା



ପାଇଁ ପାକିସ୍ତାନର ବିଭିନ୍ନ ପ୍ରମୁଖ ସହରରେ ଲସ୍କର-ଏ-ତୈବା (ଏଲ୍‌ଇଟି)ର ବରିଷ୍ଠ ଆତଙ୍କବାଦୀମାନେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଲସ୍କର-ଏ-ତୈବାର ମୁସଲିମ ମହିଳା ଶାଖାର ଅନେକ ମହିଳା ଆତଙ୍କବାଦୀ ଏହି କାର୍ଯ୍ୟକ୍ରମରେ ଖୋଲାଖୋଲି ଏବଂ ଆଇନକୁ ଖାତିର ନକରି ଅଂଶଗ୍ରହଣ କରିଥିଲେ। ଏହି ସମସ୍ତ ସାମ୍ବାଦିକ ସମ୍ମିଳନୀରେ ସୈଫୁଲ୍ଲା କସୁରୀ, ହାଫିଜ୍ ଅବଦୁଲ ରଉଫ୍ ଏବଂ ଖାଲିଦ ମାସୁଦ ସମେତ ଅନେକ ଶୀର୍ଷ ଆତଙ୍କବାଦୀ ଉପସ୍ଥିତ ଥିଲେ। ଏହି ବିବାଦୀୟ ଆତଙ୍କବାଦୀ ସାମ୍ବାଦିକ ସମ୍ମିଳନୀ ଅନେକ ଭାରତ ବିରୋଧୀ ଶକ୍ତିକୁ ଗୋଟିଏ ମଞ୍ଚରେ ଏକାଠି କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ଖାଲିସ୍ତାନୀ ଆତଙ୍କବାଦୀ ଗୋପାଳ ସିଂହ ଚାୱଲା ମଧ୍ୟ ଉପସ୍ଥିତ ଥିଲେ। ହାଫିଜ୍ ଅବଦୁଲ ରଉଫ୍ ହେଉଛି ସେହି ଭୟଙ୍କର ଆତଙ୍କବାଦୀ ଯାହାକୁ ଆମେରିକା ମଧ୍ୟ ଏକ ବିଶ୍ୱ ଆତଙ୍କବାଦୀ ଭାବରେ ନାମିତ କରିଛି। ହାଫିଜ୍ ଅବଦୁଲ୍ ରଉଫ୍ ଅପରେସନ୍ ସିନ୍ଦୂରରେ ନିହତ ପାକିସ୍ତାନୀ ଆତଙ୍କବାଦୀଙ୍କ ପାଇଁ ସର୍ବସାଧାରଣରେ ଅନ୍ତିମ ସଂସ୍କାର ପ୍ରାର୍ଥନାର ନେତୃତ୍ୱ ନେଇଥିଲେ। ସେହି ବିବାଦୀୟ ପ୍ରାର୍ଥନା ସମୟରେ ପାକିସ୍ତାନର ଅନେକ ବରିଷ୍ଠ ସେନା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଆମେରିକା ଦ୍ୱାରା ବିପଦପୂର୍ଣ୍ଣ ଭାବରେ ଘୋଷଣା କରାଯାଇଥିବା ଜଣେ ଆତଙ୍କବାଦୀ ପାକିସ୍ତାନରେ ନିର୍ଭୟରେ ମୁକ୍ତ ଭାବରେ ବୁଲୁଛନ୍ତି। ଭାରତର ସଫଳ ଅପରେସନ ସିନ୍ଦୂର ସମୟରେ , ପାକିସ୍ତାନୀ ସେନା ସମ୍ପୂର୍ଣ୍ଣ ପରାସ୍ତ ଏବଂ ଖରାପ ଭାବରେ ପରାଜିତ ହୋଇଥିଲା। ସେତେବେଳେ ମଧ୍ୟ, ପାକିସ୍ତାନୀ ସେନା ଏବଂ ସରକାର ସେମାନଙ୍କର ନିରୀହ ଲୋକଙ୍କୁ ଏହି ପରାଜୟର ସତ୍ୟ ପ୍ରକାଶ କରିନଥିଲେ। ବର୍ତ୍ତମାନ, ଏହି ଲଜ୍ଜାଜନକ ବିଫଳତାକୁ ଲୁଚାଇବା ପାଇଁ, ସେମାନେ ଆତଙ୍କବାଦୀଙ୍କ ଆଶ୍ରୟ ନେଉଛନ୍ତି ଏବଂ ମିଥ୍ୟା ଭାବରେ ବିଜୟ ଉତ୍ସବ ପାଳନ କରିବାକୁ ଯାଉଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆତଙ୍କବାଦୀଙ୍କ ପଛରେ ଏକ ବଡ଼ ଏବଂ ବିବାଦୀୟ ପୋଷ୍ଟର ଦେଖାଯାଇଥିଲା, ଯାହା ସେନାର ଆତଙ୍କବାଦୀ ଲିଙ୍କ୍‌ର ପର୍ଦ୍ଦାଫାସ କରିଥିଲା। ଗୋଟିଏ ପଟେ, ପୋଷ୍ଟରରେ ପାକିସ୍ତାନୀ ସେନାର ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ସମେତ ବରିଷ୍ଠ ସାମରିକ ଅଧିକାରୀଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା। ଅନ୍ୟପଟେ, ଲସ୍କରର ଶୀର୍ଷ ଆତଙ୍କବାଦୀ ସୈଫୁଲ୍ଲା କାସୁରୀ ଏବଂ ହାଫିଜ୍ ଅବଦୁଲ ରଉଫଙ୍କ ଫଟୋ ମଧ୍ୟ ପ୍ରଦର୍ଶିତ ହୋଇଥିବା ଦେଖିବାକୁ ମିଳିଥିଲା।

## କୋଲକତା ପୋଲିସର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଜି ବିଜୟ ସେଲିବ୍ରେସନ ମନା

କୋଲକତା : କୋଲକତାରେ ଆଗେଇ ଚାଲିଛି ବିଜେପି । ଏହାରି ଭିତରେ କୋଲକତା ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭୋଟ ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ପୋଲିସ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ବିଜୟ ପରେ କୌଣସି ଶୋଭାଯାତ୍ରାକୁ ମନା କରାଯାଇଛି । କୋଲକତାରେ ଆଜି ବିଜୟ ସେଲିବ୍ରେସନ କରିବାକୁ ମନା କରାଯାଇଛି । ଗଣତି ରାତି ପର୍ଯ୍ୟନ୍ତ ଚାଲିବାକୁ ଥିବାରୁ ସେଲିବ୍ରେସନ



ମନା କରାଯାଇଛି । କୋଲକତା ପୋଲିସ କହିଛି ଯେ, ସମ୍ପୂର୍ଣ୍ଣ ଗଣନା ପ୍ରକ୍ରିୟା ସମାପ୍ତ ହେବା ସୁନିଶ୍ଚିତ କରିବା ପାଇଁ ଭୋଟ ଗଣନା ଦିନସାରା ଜାରି ରହିବ । କୋଲକତା ପୋଲିସ ସାର୍ବଜନୀନ ଶୃଙ୍ଖଳା, ଶାନ୍ତି ଏବଂ ସଦ୍ଭାବନା ବଜାୟ ରଖିବା ପାଇଁ ସମସ୍ତଙ୍କୁ ସୂଚିତ କରାଯାଉଛି ଯେ, ୪ ମଇ, ୨୦୨୬ ରେ ନିର୍ବାଚନ ଫଳାଫଳ ସହିତ ଜଡିତ କୌଣସି ବିଜୟ ଶୋଭାଯାତ୍ରା, ରାଲି କିମ୍ବା ସାର୍ବଜନୀନ ଉତ୍ସବ ଅନୁଷ୍ଠିତ ହେବ ନାହିଁ । ବିନା ବ୍ୟତିକ୍ରମରେ ଏହି ନିଷେଧ ସମସ୍ତ ରାଜନୈତିକ ଦଳ କିମ୍ବା ଗୋଷ୍ଠୀ ପାଇଁ ପ୍ରଯୁଜ୍ୟ ହେବ । ଯଦି କୌଣସି ବିଜୟ ଶୋଭାଯାତ୍ରା ଥାଏ, ତେବେ ତାହା କେବଳ ୫ ମଇ, ୨୦୨୬ ରେ କିମ୍ବା ତା'ପରେ ସମ୍ପୃକ୍ତ ପୋଲିସ ଷ୍ଟେସନର ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ପୂର୍ବ ଅନୁମତି ନେବା ପରେ ଅନୁଷ୍ଠିତ ହୋଇପାରିବ ।

## ଭାରତର ଦ୍ୱୀପପୁଞ୍ଜ ଅଞ୍ଚଳ ବିସ୍ତାରବାଦୀ ଚୀନ୍ ବିରୋଧରେ ସାମରିକ ପ୍ରତିରୋଧ ପ୍ରଦାନ କରେ

ନୂଆଦିଲ୍ଲୀ: ତିନି ସେନାର ଆଣ୍ଡାମାନ ଓ ନିକୋବର କମାଣ୍ଡ ପ୍ରାୟ ୨୬ ବର୍ଷ ପୂର୍ବେ ବାଜପେୟୀଙ୍କ ସରକାର ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଭାରତ ପାଇଁ ଏହା ଏକ ସାମରିକ ରଣନୈତିକ ଅଞ୍ଚଳ ଭାବେ ପରିଗଣିତ। ୨୦୦୦ ଦଶକର ପ୍ରାରମ୍ଭରେ ଭାରତର ମୁଖ୍ୟ ଶତ୍ରୁ ଚୀନ୍ ଏହାର ସାମରିକ ରଣନୀତିକୁ ସ୍ଥଳରୁ ସମୁଦ୍ରରେ କେନ୍ଦ୍ରୀଭୂତ କରିଥିବାବେଳେ ନୂଆଦିଲ୍ଲୀ ୨୦୧୪ ପରେ ଏହା ଉପରେ ଗୁରୁତ୍ୱ ଦେଇଛି। ପିଏଲଏ ପ୍ରତି ସାତ ଦିନରେ ଗୋଟିଏ ଜାହାଜ ନିର୍ମାଣ କରୁଥିବାରୁ ଲକ୍ଷଦ୍ୱୀପ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦୂରଗାମୀ କ୍ଷମତା ବିକାଶ କରିବା ବ୍ୟତୀତ ଭାରତ ପାଖରେ କୌଣସି ବିକଳ୍ପ ନାହିଁ। ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ୍ ବିପିନ୍ ରାୱତ ଜାତୀୟ ସୁରକ୍ଷା ଯୋଜନାକାରୀଙ୍କ ସହ ମିଶି ଗ୍ରେଟ୍ ନିକୋବରର କ୍ୟାମ୍ପବେଲ୍ ବେ'କୁ



ଏକ ଟ୍ରାନ୍ସସିପମେଣ୍ଟ ହବ୍ ତଥା ଭାରତ ପାଇଁ ଏକ ସାମରିକ ଘାଟିରେ ପରିଣତ କରିବାକୁ କଳ୍ପନା କରିଥିଲେ। ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦକ୍ଷିଣପୂର୍ବ ଏସିଆ ଏବଂ ଲାକ୍ଷାଦ୍ୱୀପ ଓ ମିନିକୟ ଦ୍ୱୀପପୁଞ୍ଜକୁ ମୁଖ୍ୟ ଯୋଗାଯୋଗ ମାର୍ଗ ଦେଇଥାଏ। ଜେନେରାଲ ରାୱତ ମିନିକୟରେ ଆଇଏନ୍‌ଏସ୍ ଜଟାୟୁ, ଗ୍ରେଟ୍ ନିକୋବରର ଆଇଏନ୍‌ଏସ୍ ବାଜ ଓ ଉତ୍ତର ଆଣ୍ଡାମାନରେ ଆଇଏନ୍‌ଏସ୍ କୋହାସା ମୁତୟନ ସହ ଘାଟିର ସମ୍ପ୍ରସାରଣ ଚାହୁଁଥିଲେ, ଯାହାଦ୍ୱାରା ଭାରତ ଏହାର ପଛପଟ ଅଞ୍ଚଳକୁ ସୁରକ୍ଷା ଦେବା ସହିତ ପଶ୍ଚିମ ଏସିଆରୁ ଆସୁଥିବା ତୈଳ ଓ କାର୍ଗୋ ବାଣିଜ୍ୟକୁ ସୁଗମ କରିପାରିବ।। ଗ୍ରେଟ୍ ନିକୋବରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ପରିବେଶ ଚିନ୍ତା ଉପରେ ମୋଦୀ ସରକାର ଲିଖିତ ଜବାବ ଦେଇଥିବାବେଳେ ସତ୍ୟ ହେଉଛି ଯେ, ଉଭୟ ଦ୍ୱୀପପୁଞ୍ଜ ଅଞ୍ଚଳ ଭାରତକୁ ଇଣ୍ଡୋନେସିଆର ମଲାକ୍କା, ସୁଣ୍ଡା, ଲୋମ୍ବୋକ୍, ଓମ୍ବି ଓ ୱେଟର ଷ୍ଟ୍ରେଟ୍ ସହିତ ଯୋଗାଯୋଗର ପ୍ରମୁଖ ସମୁଦ୍ର ରାସ୍ତା ପ୍ରଦାନ କରିଥାଏ।

# ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ଫ୍ରିଡମ୍' କୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କଲା ଇରାନ

ତେହେରାନ/ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟ ପୁଣି ଥରେ ମଧ୍ୟପ୍ରାଚ୍ୟରେ ବିପର୍ଯ୍ୟୟର ଲହରୀ ସୃଷ୍ଟି କରିଛି। ଟ୍ରମ୍ପ ପ୍ରୋଜେକ୍ଟ ଫ୍ରିଡମ୍ ଘୋଷଣା କରିଛନ୍ତି, ଯାହା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ଜାହାଜଗୁଡ଼ିକୁ ମୁକ୍ତ କରିବ। ଇରାନ ଟ୍ରମ୍ପଙ୍କ ଯୋଜନାକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଚେତାବନୀ ଦେଇଛନ୍ତି ଯେ ହର୍ମୁଜ୍ ପ୍ରଣାଳୀର ପରିଚାଳନାରେ ଆମେରିକାର ଯେକୌଣସି ହସ୍ତକ୍ଷେପକୁ ଜାରି ରହିଥିବା ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି ବିବେଚନା କରାଯିବ। ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଯେକୌଣସି ହସ୍ତକ୍ଷେପକୁ ସହ୍ୟ



କରାଯିବ ନାହିଁ। ପ୍ରଣାଳୀରେ ଆମେରିକାର ଦାଦାଗିରି ଚଳିବ ନାହିଁ। ପ୍ରଣାଳୀ ଉପରେ ଇରାନ କୌଣସି ବାହ୍ୟ ନିୟନ୍ତ୍ରଣ ଗ୍ରହଣ କରିବ ନାହିଁ ବୋଲି ଅଜିଜି ଜୋର ଦେଇ କହିଛନ୍ତି। ଅଜିଜି ଟ୍ରମ୍ପଙ୍କ ପ୍ରୋଜେକ୍ଟ ଫ୍ରିଡମ୍ ପଦକ୍ଷେପକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଏବଂ ବ୍ୟାପକ ଉପସାଗରୀୟ ଅଞ୍ଚଳର ପରିଚାଳନା ଟ୍ରମ୍ପଙ୍କ ଭ୍ରାମକ ପୋଷ୍ଟ ଦ୍ୱାରା ନିୟନ୍ତ୍ରିତ ହେବ ନାହିଁ। ଅଜିଜିଙ୍କ ମନ୍ତବ୍ୟ ଏହି ଅଞ୍ଚଳରେ ସାମୁଦ୍ରିକ ପରିବହନର ମଧ୍ୟସ୍ଥି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଆମେରିକାର ପ୍ରୟାସକୁ ତେହେରାନ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ଦର୍ଶାଉଛି। ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ସ୍ଥିତି ସ୍ପଷ୍ଟ। ଏହା ଯୁଦ୍ଧ ପୂର୍ବ ପରିସ୍ଥିତିକୁ ଫେରିବ ନାହିଁ ଏବଂ ଇରାନ ତଥା ଓମାନର ନିୟନ୍ତ୍ରଣରେ ରହିବ। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଆମେରିକା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ବିଦେଶୀ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ନୌସେନା ଅଭିଯାନ ଆରମ୍ଭ କରିବ। ସେ ଏହି ପଦକ୍ଷେପକୁ ଜାରି ରହିଥିବା ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ଏକ ମାନବିକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ ଟ୍ରମ୍ପ ଦାବି କରିଛନ୍ତି, ଅନେକ ଦେଶ ରଣନୈତିକ ଜଳପଥ ଦେଇ ଯିବାକୁ ଅସମର୍ଥ ଜାହାଜଗୁଡ଼ିକୁ ମୁକ୍ତ କରିବା ପାଇଁ ଆମେରିକାର ସହାୟତା ଅନୁରୋଧ କରିଛନ୍ତି। ସେ କହିଛନ୍ତି, ପ୍ରୋଜେକ୍ଟ ଫ୍ରିଡମ୍ ନାମକ ଏହି ପଦକ୍ଷେପ ପଶ୍ଚିମ ଏସିଆ ସମୟ ସୋମବାର ସକାଳେ ଆରମ୍ଭ ହେବ। ଆମେରିକୀୟ ସେନାକୁ ନିଷିଦ୍ଧ କ୍ଷେତ୍ରରୁ ଜାହାଜ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିବାର ଦାୟିତ୍ୱ ଦିଆଯିବ। ଟ୍ରମ୍ପ ଜୋର ଦେଇ କହିଛନ୍ତି, ପ୍ରଭାବିତ ଜାହାଜ ମଧ୍ୟରୁ ଅନେକ ବର୍ତ୍ତମାନର ସଂଘର୍ଷରେ ସାମିଲ ନଥିବା ଦେଶମାନଙ୍କର।

# ରାଜସ୍ଥାନ ଫ୍ରାଞ୍ଚାଇଜର ୭୫% ଅଂଶଧନ କିଣିଲେ ମିତ୍ତଲ ପରିବାର

ନୂଆଦିଲ୍ଲୀ,୪।୫: ଶିଳ୍ପପତି ଲକ୍ଷ୍ମୀ ମିତ୍ତଲ ଏବଂ ତାଙ୍କ ପୁଅ ଆଦିତ୍ୟ ମିତ୍ତଲଙ୍କ ସହିତ ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ଆଦାର ପୁନାୱାଲା ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜର ଅଧିକାଂଶ ଅଂଶଧନ ହାସଲ କରିଛନ୍ତି। ମିତ୍ତଲ ପରିବାର ଓ ପୁନାୱାଲାଙ୍କୁ ନେଇ ଗଠିତ କନସୋର୍ଟିୟମ ଫ୍ରାଞ୍ଚାଇଜକୁ ୧.୬୫ ବିଲିଅନ ଡଲାର ବା ୧୫,୬୬୦ କୋଟି ଟଙ୍କାରେ କିଣିଛି। ତେବେ ସମ୍ପୂର୍ଣ୍ଣ ମାଲିକାନା ପରିବର୍ତ୍ତନ ଲାଗି ବିସିସିଆଇ, ସିସିଆଇ, ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ଅନୁମତି ଦରକାର। ଏହି ଚୁକ୍ତି ଚଳିତ ବର୍ଷ ତୃତୀୟ ତ୍ରୈମାସିକରେ ଶେଷ ହେବ।

ୟୁକେରେ ପ୍ରତିଷ୍ଠିତ କାଲ ସୋମାନିଙ୍କ ନେତୃତ୍ୱାଧୀନ କନସୋର୍ଟିୟମ ୧.୬୩ ବିଲିଅନ ଡଲାର ପ୍ରସ୍ତାବ ଦେଇଥିଲା। କିନ୍ତୁ ବିଭିନ୍ନ ସମସ୍ୟା କାରଣରୁ ଉକ୍ତ ପ୍ରସ୍ତାବ ଧାର୍ଯ୍ୟ ମାନଦଣ୍ଡ ଅତିକ୍ରମ କରିପାରି ନ ଥିଲା। ପୁନାୱାଲା ଓ ମନୋଜ ବାଦଲେଙ୍କ ସହିତ ଲକ୍ଷ୍ମୀ ଏନ୍ ମିତ୍ତଲ ଓ ଆଦିତ୍ୟ ମିତ୍ତଲ ରବିବାର ରାଜସ୍ଥାନ ଫ୍ରାଞ୍ଚାଇଜର ମାଲିକାନା ଅଧିଗ୍ରହଣ ଲାଗି ଚୁକ୍ତି କରିଥିବା ନେଇ ମିତ୍ତଲ ପରିବାର ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।



ବିବୃତି ଅନୁଯାୟୀ, ମିତ୍ତଲ ପରିବାର ପାଖରେ ୭୫% ଅଂଶଧନ ରହିଥିବା ବେଳେ ପୁନାୱାଲାଙ୍କ ପାଖରେ ୧୮ ଓ ମନୋଜ ବାଦଲେଙ୍କ ସମେତ ଅନ୍ୟ ନିବେଶଙ୍କ ପାଖରେ ୭% ଅଂଶଧନ ରହିଛି। ବର୍ତ୍ତମାନଠାରୁ ରାଜସ୍ଥାନ ଫ୍ରାଞ୍ଚାଇଜର ବୋର୍ଡରେ ଲକ୍ଷ୍ମୀ ଏନ୍ ମିତ୍ତଲ, ଆଦିତ୍ୟ ମିତ୍ତଲ, ଆଦାର ପୁନାୱାଲା ଓ ବାଦଲେ ସଦସ୍ୟ ହୋଇ ରହିବେ। ରାଜସ୍ଥାନର ସଦୁଲପୁରରେ ଜନ୍ମିତ ଲକ୍ଷ୍ମୀ ଏନ୍ ମିତ୍ତଲ କହିଛନ୍ତି, ମୁଁ କ୍ରିକେଟକୁ ଭଲପାଏ ଏବଂ ରାଜସ୍ଥାନରେ ମୋ ଜନ୍ମ। ଏଣୁ ରାଜସ୍ଥାନ ଛଡ଼ା ଅନ୍ୟ କୌଣସି ଆଇପିଏଲ୍ ଦଳର ଅଂଶ ମୁଁ ହେବାକୁ ଚାହେଁ ନାହିଁ। ବିଲେନିୟର ଲକ୍ଷ୍ମୀ ମିତ୍ତଲଙ୍କ ପରିବାର ଦେଶରେ ଭ୍ୟାକସିନ୍ କିଙ୍ଗ କୁହାଯାଉଥିବା ସୀରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଆଦର ପୁନାୱାଲାଙ୍କ ସହ ମିଶି ଏହି ଡିଲ୍ କରିଛନ୍ତି। ରିପୋର୍ଟ ଅନୁସାରେ, ଆଇପିଏଲ୍ ଟିମ୍ର ଡିଲ୍ ପୁରା ହେବାପରେ ମିତ୍ତଲ ପରିବାର ରାଜସ୍ଥାନ ରୟାଲ୍ସର ପ୍ରାୟ ୭୫% ଅଂଶଧନର ମାଲିକ ହେବେ, ଯେତେବେଳେ କି ଆଦର ପୁନାୱାଲା ପ୍ରାୟ ୧୮% ଅଂଶଧନ ରଖିବେ। ଅବଶିଷ୍ଟ ଅଂଶଧନ ଅନ୍ୟ ନିବେଶକଙ୍କ ପାଖରେ ରହିବ। ଲକ୍ଷ୍ମୀ ମିତ୍ତଲ, ଆଦିତ୍ୟ ମିତ୍ତଲ, ଭାନିଶା ମିତ୍ତଲ-ଭାଟିଆ, ଆଦର ପୁନାୱାଲା ଏବଂ ମାନୋଜ ବଡାଲେ ରାଜସ୍ଥାନ ରୟାଲ୍ସର ବୋର୍ଡରେ ଯୋଗଦେବେ। ଆଦିତ୍ୟ ମିତ୍ତଲଙ୍କ ପୁଅ ହେଉଛନ୍ତି ଲକ୍ଷ୍ମୀ ମିତ୍ତଲ ଏବଂ ଝିଅ ହେଉଛନ୍ତି ଭାନିଶା ମିତ୍ତଲ-ଭାଟିଆ। ମନୋଜ ବଡାଲେ, ଯିଏ ଏପର୍ଯ୍ୟନ୍ତ ମୁଖ୍ୟ ମାଲିକ ଥିଲେ, ସେ ଦଳ ସହିତ ଜଡିତ ରହିବେ ଏବଂ ତାଙ୍କ ଅଭିଜ୍ଞତା ସହିତ ଫ୍ରାଞ୍ଚାଇଜ୍‌କୁ ମାର୍ଗଦର୍ଶନ କରିବେ।

ଏହି ଅଧିଗ୍ରହଣରେ ଦକ୍ଷିଣ ଆଫ୍ରିକାର ପାର୍ଲ ରୟାଲ୍ସ ଏବଂ କାରିବିଆନର ବାରବାଡୋସ ରୟାଲ୍ସ ମଧ୍ୟ ସାମିଲ ଅଛନ୍ତି। ତଥାପି, ଏହି ଡିଲ୍ କେବଳ ବିସିସିଆଇ, ସିସିଆଇ ଏବଂ ଆଇପିଏଲ ଗଭର୍ଣ୍ଣିଂ କାଉନସିଲରଙ୍କ ଅନୁମୋଦନ ପରେ ସମାପ୍ତ ହେବ, ଯାହା ୨୦୨୬ ର ତୃତୀୟ ତ୍ରୟମାସରେ ଆଶା କରାଯାଉଛି। ଲକ୍ଷ୍ମୀ ମିତ୍ତଲଙ୍କ ରାଜସ୍ଥାନ ସହିତ ଏକ ବିଶେଷ ସମ୍ପର୍କ ଅଛି, କାରଣ ସେ ରାଜ୍ୟର ସାଦୁଲପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ଏହି କାରଣରୁ ଏହି ଚୁକ୍ତି ତାଙ୍କ ପାଇଁ ଭାବନାତ୍ମକ ଗୁରୁତ୍ୱ ରଖେ।

ରାଜସ୍ଥାନ ରୟାଲ୍ସ ଆଇପିଏଲର ପ୍ରାରମ୍ଭିକ ଟିମ୍ ମଧ୍ୟରୁ ଗୋଟିଏ ଥିଲା ଏବଂ ୨୦୦୮ ରେ ପ୍ରଥମ ସିଜିନରେ ବିଜୟୀ ହୋଇଥିଲା। ଏହି ଡିଲ୍କୁ ନେଇ ଲକ୍ଷ୍ମୀ କହିଛନ୍ତି, ଏହି ଇନଭେଷ୍ଟ ସହିତ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ରହିଛି। ମିତ୍ତଲ କହିଛନ୍ତି, 'ମୁଁ କ୍ରିକେଟକୁ ଭଲ ପାଏ ଏବଂ ମୋ ପରିବାର ରାଜସ୍ଥାନର, ତେଣୁ ମୁଁ ରାଜସ୍ଥାନ ରୟାଲ୍ସ ବ୍ୟତୀତ ଅନ୍ୟ କୌଣସି ଆଇପିଏଲ୍ ଦଳର ଅଂଶ ହେବାକୁ ଚାହିଁବି ନାହିଁ। ଅନେକ ମହାନ ଖେଳାଳି ରାଜସ୍ଥାନ ରୟାଲ୍ସ ଜର୍ସି ପିନ୍ଧିଛନ୍ତି, ଏବଂ ମୁଁ ଏହି ଟିମ୍ର ଅଂଶ ହେବାକୁ ଉତ୍ସୁକ ରହିଛି।' ସେରମ୍ ଇନଷ୍ଟିଚ୍ୟୁଟ୍ ସିଇଓ ଆଦର ପୁନାୱାଲା କହିଛନ୍ତି ,ସେ ଏହି ଚୁକ୍ତିରେ ଖୁସି, ରାଜସ୍ଥାନ ରୟାଲ୍ସ ଏକ ଦୃଢ଼ ଐତିହ୍ୟ ସହିତ ଏକ ପ୍ରମୁଖ ଆଇପିଏଲ୍ ଫ୍ରାଞ୍ଚାଇଜ୍।

# ରୋମାଞ୍ଚକର ମୁକାବିଲାରେ ପଞ୍ଜାବକୁ ପରାସ୍ତ କଲା ଗୁଜରାଟ

ଅହମଦାବାଦ,୪।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୬ତମ ମୁକାବିଲା ରୋମାଞ୍ଚକର ହୋଇଛି। ବିଜୟ ପାଇଁ ଶେଷ ୨ଟି ବଲ୍‌ରେ ୩ ରନ୍ ଦରକାର ଥିବା ବଳେ ୱାସିଂଟନ ସୁନ୍ଦର ୧୯ ଓଭରର ପଞ୍ଚମ ବଲ୍‌କୁ ଛକା ମାରି ଗୁଜରାଟକୁ ବିଜୟ ଦେଇଛନ୍ତି। ଗୁଜରାଟ ୧୯.୨ ଓଭରରେ ୬ଟି ୱିକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଛି। ଫଳରେ ଏହି ମ୍ୟାଚ୍‌କୁ ୪ୱିକେଟ୍‌ରେ ଜିତିଛି। ସାଇ ସୁଦର୍ଶନ ୨୩ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୦ ରନ୍ ସଂଗ୍ରହ କରିଛନ୍ତି।



ଗୁଜରାଟ ୧୬୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳକୁ ୧୬ ରନ୍‌ରେ ପ୍ରଥମ ଝଟକା ଲାଗିଥିଲା। ପଞ୍ଜାବର ପ୍ରଥମ ଶିକାର ହୋଇଥିଲେ ଅଧିନାୟକ ଶୁବମନ ଗିଲ୍। ସେ ୪ଟି ବଲ୍‌ର ସାମ୍ନା କରିଥିଲେ ଏବଂ ଗୋଟିଏ ଚୌକା ସହାୟତାରେ ୫ ରନ୍ କରିଥିଲେ।

ଗୁଜରାଟ ପାଇଁ ସାଇ ସୁଦର୍ଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୧ଟି ବଲ୍ ଖେଳି ୫୭ ରନ୍ ସଂଗ୍ରହ କରିଥିଲେ। ଏଥିରେ ୫ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା। ଜୋସ ପଟଲର ୨୬ ରନ୍ ଏବଂ ନିଶାନ୍ତ ସିନ୍ଧୁ ୧୫ ରନ୍ କରିଥିଲେ। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଟସ୍ ଜିଣି ଗୁଜରାଟ ସଫଳ ରଣନୀତି ପ୍ରସ୍ତୁତ କରି ପଞ୍ଜାବକୁ ବଡ ସ୍କୋର କରିବାକୁ ସୁଯୋଗ ଦେଇ ନଥିଲା। ପଞ୍ଜାବ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ ହରାଇ ୧୬୩ ରନ୍ କରିଥିଲା। ଗୁଜରାଟର ବୋଲିଂରେ ଜେସନ ହୋଲ୍ଡର ସର୍ବ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ୪ ଓଭର ବୋଲିଂ କରି ୨୪ ରନ୍ ଖର୍ଚ୍ଚ କରିଥିଲେ। ଅନ୍ୟପଟରେ ୪ଟି ୱିକେଟ ଅକ୍ତିଆର କରିଥିଲେ। ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ କାଗିସୋ ରାବାଡା ୨-୨ ୱିକେଟ୍ ନେଇଥିଲେ। ରସିଦ ଖାନ ଜଣେ ବ୍ୟାଟରଙ୍କୁ ପାଭିଲିଅନ ଫେରାଇ ଥିଲେ।

ପଞ୍ଜାବର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଦେଖାଯାଇଛି। ଇନିଂସର ଦ୍ୱିତୟ ବଲ୍‌ରେ ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ତୃତୀୟ ବଲ୍‌ରେ କୋପର କନୋଲି ଆଉଟ୍ ହୋଇଥିଲେ। ସେହିପରି ପଞ୍ଜାବର ସ୍କୋର ୩୫ ରନ୍‌ରେ ପ୍ରଭସିମରନ ଏବଂ ୩୬ ରନ୍‌ରେ ନେହାଲ ୱାଧୀରା ଆଉଟ୍ ହୋଇଥିଲେ। ପରେ ପରେ ଶ୍ରେୟସ ଆୟର ଆଉଟ ହୋଇଥିଲେ। ସ୍କୋର ୪୭ ରନ୍ ବେଳକୁ ପଞ୍ଜାବ ୫ଟି ମୂଲ୍ୟବାନ ୱିକେଟ୍ ହରାଇ ସାରିଥିଲା।

ପଞ୍ଜାବ ପାଇଁ ସୂର୍ଯ୍ୟାଂଶ ଶେଡଗେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୯ଟି ବଲ୍ ଖେଳି ୫୭ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ୫ଟି ଛକା ସାମିଲ ଥିଲା। ସେହିପରି ମାର୍କସ ଷ୍ଟୋଇନିସ ବ୍ୟକ୍ତିଗତ ଭାବେ ୪୦ ରନ୍ ସଂଗ୍ରହ କରିଥିଲେ। ସେ ୩୧ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ମାର୍କେ ଜେସନ ୨୦ ରନ୍, ଅଧିନାୟକ ଶ୍ରେୟସ ଆୟର ୧୯ ରନ୍ ଏବଂ ପ୍ରଭସିମରନ ୧୫ ରନ୍ ସଂଗ୍ରହ କରିଥିଲା ବେଳେ ଅନ୍ୟ ବ୍ୟାଟରଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା।

## ଦିଲ୍ଲୀ ଗସ୍ତ ସ୍କିପ୍ କଲେ ଧୋନୀ

ଚେନ୍ନାଇ,୪।୫: ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦଳ ସହିତ ପରବର୍ତ୍ତୀ ମ୍ୟାଚ୍ ଲାଗି ଦିଲ୍ଲୀ ଯାତ୍ରା କରି ନାହାନ୍ତି। ସିଏସ୍‌କେ ମଙ୍ଗଳବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଏହା ବଦଳରେ ଧୋନୀ ଚେନ୍ନାଇରେ ରହି କାଫ ଇଞ୍ଜୁରି ଲାଗି ରେହାବିଲିଟେଶନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଦର୍ଶାଉଛି ଯେ, ଧୋନୀ ଏବେ ବି ଖେଳିବାକୁ ପ୍ରସ୍ତୁତ ନୁହନ୍ତି। ଏହାସତ୍ତ୍ୱେ ଫ୍ରାଞ୍ଚାଇଜ ଅଧିକାରୀ ତାଙ୍କୁ ଏପର୍ଯ୍ୟନ୍ତ ପୂରା ଟୁର୍ନାମେଣ୍ଟରୁ ବାଦ୍ ଦେଇ ନାହାନ୍ତି। ସିଏସ୍‌କେକୁ ଲିଗ୍‌ରେ ଆଉ ୫ଟି ମ୍ୟାଚ୍ ଖେଳିବାକୁ ଥିବାବେଳେ ଧୋନୀ କୌଣସି ପର୍ଯ୍ୟାୟରେ ଖେଳିବାକୁ ଉପଲବ୍ଧ ହେବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ ଚେନ୍ନାଇ ଆସନ୍ତା ୧୦ ଓ ୧୫ ତାରିଖରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ।

# ରଘୁ ଶର୍ମାଙ୍କ ରୋଚକ କାହାଣୀ

ନୂଆଦିଲ୍ଲୀ: ରଘୁ ଶର୍ମା, ମୁମ୍ବାଇ ଇଣ୍ଡିଆନ୍ସର ଚର୍ଚ୍ଚିତ ବୋଲରଙ୍କୁ ନେଇ ଏବେ ସବୁଠି କଥାବାର୍ତ୍ତା । ବେକରେ ତୁଳସୀମାଳା, ଆଇପିଏଲରେ ଏଣ୍ଟ୍ରି ଏହି ବୋଲରଙ୍କ ଜବନୀ ବେଶ କଷ୍ଟଦାୟକ । ତେବେ ତାଙ୍କ ଜୀବନୀ ସହ ଜଡିତ ରହିଛି ଓଡ଼ିଶାର ପୁରୀ । ଜଗନ୍ନାଥ ଧାମକୁ ମଧ୍ୟ ଆସିଛନ୍ତି ଏହି ଚର୍ଚ୍ଚିତ ଖେଳାଳି । ରଘୁଙ୍କ କାହାଣୀ ଜଳନ୍ଧରରୁ ଆରମ୍ଭ ହୁଏ, ଯେଉଁଠାରେ ସେ ଡାକ୍ତର ଏବଂ ଇଞ୍ଜିନିୟରଙ୍କ ପରିବାରରୁ ଆସିଛନ୍ତି।

୨୦୧୧ ମସିହାରେ ଭାରତ ବିଶ୍ୱକପ ଜିତିବା ପରେ ସେ କ୍ରିକେଟ ପ୍ରତି ମନ ବଳାଇଥିଲେ । ୧୮ ବୟସରେ ସେ କ୍ରିକେଟ ପ୍ରତି ଗମ୍ଭୀରତାର ସହ ମନ ବଳାଇଥିଲେ । କ୍ରିକେଟ ପ୍ରତି ମନ ଏତେ ବଳାଇଥିଲେ କି, ସେ ୪୦-୪୫ ଡିଗ୍ରୀ ଖରାରେ ମଧ୍ୟ ଅଭ୍ୟାସ କରିଥିଲେ । ଏହାସହ ନିଜର ଓଜନକୁ ମଧ୍ୟ କମାଇଥିଲେ ।



ରଘୁ ଜଣେ ଦ୍ରୁତ ବୋଲର ଭାବରେ ଆରମ୍ଭ କରିଥିଲେ, କିନ୍ତୁ ହ୍ୟାମଷ୍ଟ୍ରିଙ୍ଗ୍ ଆଘାତ ତାଙ୍କୁ ଲେଗ୍ ସ୍ପିନ୍ ଆଡକୁ ନେଇଗଲା। ସେ ବିନା ରନ-ଅପ୍ ବୋଲିଂ କରି ଏହି କଳାରେ ଆୟତ୍ତ କରିଥିଲେ। ସେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଲେଗ୍ ସ୍ପିନର୍ ଶେନ୍ ୱାର୍ଣ୍ଣଙ୍କ ଭିଡିଓ ଦେଖି ସବୁକିଛି ଶିଖିଥିଲେ । ୱାର୍ଣ୍ଣ ତାଙ୍କ ପାଇଁ ଜଣେ ମାର୍ଗଦର୍ଶକ ହୋଇଥିଲେ । ପରେ ଇଂଲଣ୍ଡରେ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିରଙ୍କୁ ଭେଟିବା ତାଙ୍କ ବୋଲିଂକୁ ଏକ ନୂତନ ପରିମାଣ ଦେଇଥିଲା।

କ୍ରିକେଟ ସହିତ, ଆଧ୍ୟାତ୍ମିକତାର ମଧ୍ୟ ରଘୁଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିଥିଲା। ୨୦୧୪ ମସିହାରେ ବୃନ୍ଦାବନ ଯାତ୍ରା ପରେ, ସେ ବୈଷ୍ଣବ ପରମ୍ପରାକୁ ଗ୍ରହଣ କରିଥିଲେ। ଏପରିକି ସେ ନିଜର ଖାଦ୍ୟ ନିଜେ ରାନ୍ଧୁଥିଲେ । ଶୃଙ୍ଖଳା ଉପରେ ସେ ଅଧିକ ବିଶ୍ୱାସ କରୁଥିଲେ । ୨୦୨୨ ମସିହାରେ, ସେ ଶ୍ରୀଲଙ୍କାର ଗାଲେ କ୍ରିକେଟ୍ କ୍ଲବ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ, ମାତ୍ର ଛଅଟି ମ୍ୟାଚ୍‌ରେ ୪୬ ୱିକେଟ୍ ନେଇଥିଲେ। ତା'ପରେ ସେ ଇଂଲଣ୍ଡରେ କ୍ଲବ୍ କ୍ରିକେଟ ଖେଳି ନିଜର ଛାପ ସୃଷ୍ଟି କରିଥିଲେ। କିନ୍ତୁ ଓଟଖ ଆସିବାକୁ ଆହୁରି ବହୁତ ଦୂର ଥିଲା। ତଥାପି ନିଜର ଅଭ୍ୟାସ ଉପରେ ସେ ଅଧିକ ଗୁରୁତ୍ୱ ଦେଇଥିଲେ ଆଉ ଶେଷରେ ଆଇପିଏଲରେ ସୁଯୋଗ ପାଇଥିଲେ । ତେବେ ସେ ପୁରୀ ଆସି ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ମଧ୍ୟ ନେଇଥିବା ପ୍ରକାଶ କରିଛନ୍ତି ।

## ପଞ୍ଚମ ସଂସ୍କରଣ ହକି ପ୍ରତିଯୋଗିତା ଜୁନିଅର ବାଳକ ବିଭାଗ

# ଦ୍ୱିତୀୟ ରାଉଣ୍ଡରେ ମୟୂରଭଞ୍ଜ ଦଳ

ବାରିପଦା,୪।୫: ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଆସୋସିଏସନ ଓଡ଼ିଶା ଦ୍ୱାରା ଆୟୋଜିତ ପଞ୍ଚମ ସଂସ୍କରଣ ହକି ପ୍ରତିଯୋଗିତାର ଜୁନିଅର ବାଳକ ବିଭାଗରେ ମୟୁରଭଞ୍ଜ ଜିଲ୍ଲା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି । ମୋରଡା ବ୍ଲକ ଅଧୀନସ୍ଥ ଚଡେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ହକି ଗ୍ରାସରୁଟ୍ସ ସେଣ୍ଟର ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଛି ।



ଉକ୍ତ ପ୍ରତିଯୋଗିତାର ଏକ ରୋମାଞ୍ଚକର ମ୍ୟାଚ୍‌ରେ ମୟୁରଭଞ୍ଜ ଦଳ ଝାରସୁଗୁଡା ଜିଲ୍ଲାକୁ ୩-୦ ଗୋଲରେ ପରାଜିତ କରି ଦ୍ୱିତୀୟ ରାଉଣ୍ଡକୁ ଯୋଗ୍ୟତା ହାସଲ କରିଛି । ମ୍ୟାଚ୍ ଆରମ୍ଭରୁ ମୟୁରଭଞ୍ଜ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରୁ ହିଁ ନିଜର ଦବଦବା ଜାହିର୍ କରିଥିଲା । ଦଳର ଖେଳାଳିମାନେ ସୁନିୟୋଜିତଭାବେ ପାସିଂ, ଦୃଢ଼ ରକ୍ଷା ବ୍ୟବସ୍ଥା ଓ ଶୀଘ୍ର ତଥା ତତକ୍ଷଣାତ୍ ଆକ୍ରମଣ ମାଧ୍ୟମରେ ପ୍ରତିପକ୍ଷ ଦଳକୁ ଚାପରେ ରଖିଥିଲେ ।"ଦଳ ପକ୍ଷରୁ ରାଜେନ ଟୁଡୁ ଦୁଇଟି ଚମତ୍କାର ଗୋଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସେହିପରି ଘାସିରାମ ହେମ୍ବ୍ରମ ମଧ୍ୟ ଗୋଟିଏ ସୁନ୍ଦର ଗୋଲ କରି ଦଳର ସ୍କୋରକୁ ଆଗକୁ ବଢ଼ାଇ ବିଜୟ ସୁନିଶ୍ଚିତ କରିଥିଲେ ।

ଦଳର ଗୋଲରକ୍ଷକ ଓ ରକ୍ଷା ପଙ୍କ୍ତିର ଖେଳାଳିମାନେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିପକ୍ଷଙ୍କୁ କୌଣସି ଗୋଲ କରିବାର ସୁଯୋଗ ଦେଇନଥିବାରୁ ଦଳ ଚମତ୍କାର ବିଜୟ ପ୍ରାପ୍ତ କରିଛି ।ଏଠାରେ ଉଲ୍ଲେଖଥାଉକି, ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଏହି ହକି ଗ୍ରାସରୁଟ୍ସ ସେଣ୍ଟରଟି ସଫଳତାର ସହିତ ପରିଚାଳିତ ହେଉଛି। ଏହି ଅବସରରେ ଡ଼ଃ ନାୟକ କହିଛନ୍ତି ଯେ, ଏହି ପରି ସଫଳତା ଜିଲ୍ଲାର ଗ୍ରାମୀଣ ଅଞ୍ଚଳରେ ଥିବା କ୍ରୀଡା ପ୍ରତିଭାମାନଙ୍କୁ ଆଗକୁ ଆଣିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରୁଛି। ସେ ଏହି ସଫଳତା ପାଇଁ ସମସ୍ତ ଖେଳାଳି, କୋଚ୍ ଡେଭିଡ ସୋରେଙ୍ଗ ଓ ସମସ୍ତ ସହଯୋଗୀ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।"ତତସହିତ, ସେ ଦଳକୁ ଆଗାମୀ ମ୍ୟାଚ୍‌ଗୁଡିକ ପାଇଁ ଅଧିକ ସଚେତନ ଓ ସୁଚିନ୍ତିତ ରଣନୀତି ଗଠନ କରି ଖେଳିବାକୁ ପରାମର୍ଶ ଦେଇଛନ୍ତି । ଏହାସହ ଏହି ଦଳ ଆଗାମୀ ରାଉଣ୍ଡଗୁଡିକରେ ମଧ୍ୟ ଏହିପରି ଦୃଢ଼ ପ୍ରଦର୍ଶନ ଜାରି ରଖି ଜିଲ୍ଲା ପାଇଁ ଆହୁରି ଗୌରବ ଆଣିବ ଡଃ ନାୟକ ଆଶାବ୍ୟକ୍ତ କରିଛନ୍ତି ।"

## ସାବିନା ପାର୍କକୁ ଭାରତର ଇଲେକ୍‌ଟ୍ରୋନିକ୍ ସ୍କୋରବୋର୍ଡ ଦାନ

ନୂଆଦିଲ୍ଲୀ: ଜାମାଇକା ଗସ୍ତରେ ଥିବା ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କର କିଙ୍ଗ୍‌ଟନସ୍ଥିତ ପ୍ରସିଦ୍ଧ ସାବିନା ପାର୍କ କ୍ରିକେଟ୍ ଷ୍ଟାଡିୟମ୍ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଓ ଜାମାଇକା ପ୍ରଧାନମନ୍ତ୍ରୀ ଆଣ୍ଡ୍ର୍ୟୁ ହୋଲ୍‌ସ ମିଳିତଭାବେ ଏକ ଇଲେକ୍‌ଟ୍ରୋନିକ୍ ସ୍କର୍‌ବୋର୍ଡର ଉଦ୍‌ଘାଟନ କରିଛନ୍ତି। ଏହି ଇଲେକ୍‌ଟ୍ରୋନିକ୍ ସ୍କର୍‌ବୋର୍ଡକୁ ଭାରତ ପକ୍ଷରୁ ଦାନ କରାଯାଇଛି। ଦାନ ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଥିବା କ୍ରିକେଟ୍ ସମ୍ପର୍କକୁ ଆହୁରି ସୁଦୃଢ କରିବାକୁ ଭାରତ ପକ୍ଷରୁ ଏହାକୁ ଏକ ଉଦ୍ୟମଭାବେ ଦେଖାଯାଉଛି। ସାବିନା ପାର୍କ ଜାମାଇକା କ୍ରିକେଟ୍ ଦଳର ଘରୋଇ ପଡ଼ିଆ ହୋଇଥିବାବେଳେ ଏହି ଦେଶରେ ଅବସ୍ଥିତ ଏକମାତ୍ର ଅନ୍ତର୍ଜାତୀୟ ଟେଷ୍ଟ୍ ଗ୍ରାଉଣ୍ଡ ।

## ଡେବ୍ୟୁ ମ୍ୟାଚ୍‌ରେ ଆହତ ରାମାକ୍ରିଷ୍ଣ ଆଇପିଏଲରୁ ଆଉଟ୍

ନୂଆଦିଲ୍ଲୀ,୦୪/୦୫; ଚେନ୍ନାଇ ଦଳରେ ଆହତ ଖେଳାଳିଙ୍କ ତାଲିକା ଲମ୍ବି ଚାଲିଛି । ଷ୍ଟାର ମହେନ୍ଦ୍ର ସିଂହ ଧୋନି, ଓପନର ଆୟୁଷ ମାହତ୍ରେ, ପେସ୍ ବୋଲର ଖଲିଲ ଅହମ୍ମଦ, ନାଥାନ ଏଲିସ୍ ପରେ ଯୁବ ଅଲରାଉଣ୍ଡର ରାମକ୍ରିଷ୍ଣ ଘୋଷ ମଧ୍ୟ ଆହତ ହୋଇ ଆଇପିଏଲ୍‌ରୁ ବାଦ୍ ପଡିଛନ୍ତି । ସେ ଗତ ୨ ତାରିଖରେ ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ । ଏହି ମ୍ୟାଚ୍ ବେଳେ ତାଙ୍କ ଡାହାଣ ପାଦ ହାଡ ଭାଙ୍ଗି ଯାଇଥିଲା । ସେ ୩ ଓଭର ବୋଲିଂ କରି ଗୋଟିଏ ୱିକେଟ୍ ନେଇଥିଲେ । ମାତ୍ର ଗୋଟିଏ ମ୍ୟାଚ୍ ମଧ୍ୟରେ ତାଙ୍କ ଆଇପିଏଲ୍ ଅଭିଯାନ ଶେଷ ହୋଇଛି । ଖୁବଶୀଘ୍ର ତାଙ୍କ ସ୍ଥାନରେ ବଦଳ ଖେଳାଳି ସାମିଲ କରାଯିବ ବୋଲି ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଙ୍ଗ୍ ପ୍ରକାଶ କରିଛନ୍ତି । ଭେଟେରାନ ମହେନ୍ଦ୍ର ସିଂହ ଧୋନି ମଧ୍ୟ ଆହତ ଅଛନ୍ତି ।



ସେ ଏପର୍ଯ୍ୟନ୍ତ ଫିଟ୍ ହୋଇନାହାନ୍ତି । ଦଳରେ ଆହତ ପ୍ଲେୟାରଙ୍କ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି ।ମୁମ୍ବାଇ ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗସ ବିଜୟ ପାଣିଚିଆ ହୋଇଛି । ଚେନ୍ନାଇର ଷ୍ଟାର ଅଲରାଉଣ୍ଡର ରାମକ୍ରିଷ୍ଣ ବାଦ ପଡିଛନ୍ତି । ମ୍ୟାଚ୍ ଆରମ୍ଭରେ ଘୋଷ ୱିଲ୍ ଜ୍ୟାକ୍ସଙ୍କ କ୍ୟାଚ୍ ନେବା ପାଇଁ ଡାଇଭ୍ ମାରିଥିଲେ । ନମନଙ୍କ ବିପକ୍ଷରେ ତାଙ୍କର ପ୍ରଥମ ବଲ୍ ବୋଲିଂ କରିବା ପରେ ସେ ତାଙ୍କ ଫଲୋ ଥ୍ରୁରେ ପଡିଯାଇଥିଲେ । ଚେନ୍ନାଇର ସେ ଅଲରାଉଣ୍ଡର ପ୍ଲେୟାର ସେ ବାଦ ପଡିବା ଦଳ ପାଇଁ ଚିନ୍ତାର ବିଷୟ ହୋଇଛି । ଚଳିତ ଆଇପିଏଲ ସିଜିନରେ ନୈରାଶ୍ୟଜନକ ଆରମ୍ଭ କରିଥିବା ଚେନ୍ନାଇ ସୁପର କିଙ୍ଗସ ଅଧିନାୟର ଋତୁରାଜ ଭଲ ପ୍ରଦର୍ଶନ କରିଥିଲେ । ଅପରାଜିତ ୭୪ ଏବଂ ୬୭ ରନ କରିଥିଲେ । ଚେନ୍ନାଇ ୯ଟି ମ୍ୟାଚ୍‌ରୁ ୪ଟି ଜିତିଛି । ୮ ପଏଣ୍ଟ ସହ ଟେବୁଲର ଷଷ୍ଠ ସ୍ଥାନରେ ରହିଛି ସୁପର କିଙ୍ଗସ ।

# ଆରସିବିକୁ ବଡ଼ ଝଟ୍‌କା: ସ୍ୱଦେଶ ଫେରିଲେ ଫିଲ୍ ସଲ୍ଟ

ନୂଆଦିଲ୍ଲୀ,୪।୫: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓପନର ଇଂଲଣ୍ଡର ଫିଲ୍ ସଲ୍ଟ ସ୍ୱଦେଶ ଫେରିଛନ୍ତି। ଗତ ମାସରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କର କ୍ଷତର ଗଭୀରତା ଜାଣିବା ପାଇଁ ତାଙ୍କର ସ୍କାନ କରାଯିବ। ଆଘାତପ୍ରାପ୍ତ ଥିବାରୁ ସେ ଆର୍‌ସିବିର ଗତ ତିନୋଟି ମ୍ୟାଚ୍ ଖେଳି ନାହାନ୍ତି। ତାଙ୍କ ସ୍ଥାନରେ ଟପ୍ ଅର୍ଡରରେ ଜାକବ ବେଥେଲଙ୍କୁ ସାମିଲ କରାଯାଇଛି।



ଏପ୍ରିଲ ୧୮ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ଆରସିବିର ପରାଜୟ ମ୍ୟାଚ୍ ବେଳେ ଫିଲ୍‌ଡି କରୁଥିବା ବେଳେ ଡିପ୍ ବ୍ୟାକ୍‌ୱାର୍ଡ ସ୍କ୍ୱୟର ଲେଗ୍‌ରେ ଏକ ବାଉଣ୍ଡାରୀକୁ ରୋକିବାକୁ ଯାଇ ସେ ଆଘାତପ୍ରାପ୍ତ ହୋଇଥିଲେ। ସଲ୍ଟ ହେଉଛନ୍ତି ଇଂଲଣ୍ଡ ଓ ଓ୍ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) କେନ୍ଦ୍ରୀୟ ଚୁକ୍ତି ଭିତ୍ତିକ ଖେଳାଳି। ଇଂଲଣ୍ଡ ମ୍ୟାନେଜମେଣ୍ଟର ଅନୁରୋଧ କ୍ରମେ ସ୍କାନ କରିବା ଲାଗି ସଲ୍ଟ ସ୍ୱଦେଶ ଫେରିଛନ୍ତି। ଖବର ଅନୁସାରେ ସେ ଶୀଘ୍ର ସୁସ୍ଥ ହେବେ ଏବଂ ଚଳିତମାସ ପରବର୍ତ୍ତୀ ଭାଗରେ ଭାରତ ଫେରିବେ ବୋଲି ଉଭୟ ଆରିସିବି ଓ ସଲ୍ଟ ଆଶାବାଦୀ ରହିଛନ୍ତି।

ଚଳିତ ସିଜନରେ ସଲ୍ଟ ଆରମ୍ଭ ବେଶ୍ ପ୍ରଭାବୀ ଥିଲା। ସେ ଖେଳିଥିବା ୬ଟି ଇନିଂସରେ ୧୬୮.୩୩ ଷ୍ଟ୍ରାଇକ୍ ରେଟ୍ ସହ ୨୦୨ରନ ସଂଗ୍ରହ କରିଥିଲେ। ପଏଣ୍ଟ ଟେବୁଲରେ ଆରସିବି ବର୍ତ୍ତମାନ ପଞ୍ଜାବ କିଙ୍ଗ୍ସ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ।

# ବିରାଟ ହେଲେ ଭାବ ବିହ୍ୱଳ

ମୁମ୍ବାଇ,୪।୫ : ଆଇପିଏଲ୍ ୨୦୨୬ ମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସୋସିଆଲ ମିଡ଼ିଆରେ ଏକ ଭିଡ଼ିଓ ସେୟାର କରି କହିଛି କି ୧୮ବର୍ଷର ଲମ୍ବା ସମୟ ପରେ ଜଣେ ଭେଟରାନ ଟିମରୁ ଅଲଗା ହୋଇଯାଇଛନ୍ତି । ଭିଡ଼ିଓରେ ବିରାଟ କୋହଲୀଙ୍କ ଆଖି ଛଳଛଳ ହୋଇଯାଇଥିବା ଦେଖାଯାଇଛି । ଲୋକଙ୍କ ଧ୍ୟାନ କୋହଲୀଙ୍କ ଆଖି ଉପରେ ଯାଇଥିଲା ଏବଂ ଭିଡ଼ିଓରେ କୋହଲୀଙ୍କ ଭାବବିହ୍ୱଳ ଫଟୋ ସୋସିଆଲ ମିଡ଼ିଆରେ ସେୟାର ହେବାରେ ଲାଗିଛି । ଆସନ୍ତୁ ଜାଣିବା କି କେଉଁ ଭେଟରାନ ଛାଡ଼ିଲେ ଟିମର ହାତ ।ଭିଡ଼ିଓ କୁ ସେୟାର କରି କୁହାଯାଇଛି କି ମୁଖ୍ୟ ଫିଜିଓ ଇଭାନ ସ୍ପିଚ୍‌ଲୀ ଫ୍ରାଞ୍ଚାଇଜରୁ ଅଲଗା ହୋଇଯାଇଛନ୍ତି । ଏହି ଅବସରରେ ପୂରା ଟିମ୍ ଇଭାନଙ୍କୁ ଫେରଓ୍ୱେଲ ଦେଇଛନ୍ତି । ବିରାଟ କୋହଲୀ ବି ତାଙ୍କ ଲାଗି ସ୍ପିଚ୍ ଦେଇଛନ୍ତି । ପ୍ରକାଶ ଯେ, ଇଭାନ ୨୦୦୮ରୁ ୨୦୨୫ପର୍ଯ୍ୟନ୍ତ ବେଙ୍ଗାଲୁରର ଭାଗିଦାରୀ ଥିଲେ ।ଆରସିବି ଭିଡ଼ିଓରେ କ୍ୟାପଶନ ଲେଖିଛି କି, ଇଭାନ ସ୍ପିଚ୍‌ଲୀ, ଯୁଗର ଅନ୍ତ ହୋଇଛି । ଆରସିବିରେ ଆପଣଙ୍କ ଯୋଗଦାନ ସବୁବେଳେ ମନେ ରହିବ । ଇଭାନ ସ୍ପିଚ୍‌ଲୀ ୨୦୦୮ରୁ ୨୦୨୫ପର୍ଯ୍ୟନ୍ତ ୧୮ବର୍ଷ ଆମର ମୁଖ୍ୟ ଫିଜିଓ ରହିସାରିଛନ୍ତି । ସେ ଆରସିବିର ଡଏନ୍ସରୁ ଜଣେ । ସେ ଏକ ବିଶେଷ ଫେରଓ୍ୱେଲ ସମାରୋହ ଲାଗି ବେଙ୍ଗାଲୁରୁ ଆସିଥିଲେ ଏବଂ ଆମ ସମସ୍ତଙ୍କ ଆଖିରେ ଲୁହ ଆସିଯାଇଥିଲା । ସବୁବେଳେ ଜଣେ ଆରସିବିୟନ ଇଭାନ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k